ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୬ ସେପ୍ଟେମ୍ବର, ୨୦୧୯



ପିତାମାତା ସାନ ହୋଇଛନ୍ତି ବୋଲି ଯେ ସନ୍ତାନଟି ବଡ଼ ହେବ ନାହିଁ, ଏଭଳି ଭାବିବାରେ କୌଣସି କାରଣ ନାହିଁ।

- ହୋରେସ୍



## ସଂକ୍ଷେପରେ

### ଗୁରୁଙ୍କ ଦ୍ୱାଦଶାହରେ ସଂକୀର୍ତ୍ତନ ମହାମେଳା
### ଯୋଗଦେଲେ ୨ଶହରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ପ୍ରେମୀ



**ଛତିଆ,୫।୯(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଛତିଆ ଅଞ୍ଚଳରେ ନଦିଆ ଓ ବଙ୍ଗଳା ସଂକୀର୍ତ୍ତନ ଗୁରୁ ଭାବେ ସୁପରିଚିତ ସ୍ୱର୍ଗତ କାଳନ୍ଦୀ ସେଣ୍ଠଙ୍କ ଏକାଦଶାହରେ ମଙ୍ଗଳବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଅନନ୍ତ କିଶୋର ସେଣ୍ଠଙ୍କ ଅଧକ୍ଷତାରେ ଜୟ ମା' ଦୁର୍ଗା ଠାକୁରାଣୀ ମଣ୍ଡପ ପରିସରରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ସଂଗୀତ ଓ ସଂକୀର୍ତ୍ତନ ପ୍ରେମୀ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ପୂଜ୍ୟପୂଜା କମିଟି ପକ୍ଷରୁ ପ୍ରକାଶିତ 'ଶ୍ରଦ୍ଧାଳି' ପୁସ୍ତକ ସାମାଜିକ କର୍ମୀ ଧ୍ରୁବ ଚରଣ ପ୍ରଧାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ସ୍ତମ୍ଭକାର ଜିତେନ୍ଦ୍ର କୁମାର ଖଟୁଆ, ପ୍ରିୟନାଥ ପୃଷ୍ଟି, ରବୀନ୍ଦ୍ରନାଥ ସାହୁ, କୁମର ଚରଣ ଷେଣ୍ଠ, ରମେଶ ଚନ୍ଦ୍ର ସାହୁ, ଧୃଲେନ୍ଦ୍ର ବେହେରା, ପ୍ରଫୁଲ୍ଲ କୁମାର ସାହୁ, ପ୍ରମୋଦ କୁମାର ବେହେରା, କପିଳ ଚରଣ ପୃଷ୍ଟି, କୈଳାସ ଚନ୍ଦ୍ର ସେଣ୍ଠ ପ୍ରମୁଖ ଉପସ୍ଥିତ ରହି ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ନୟନା ବେହେରା, ପ୍ରାକ୍ତନ ସରପଞ୍ଚ ଶାନ୍ତିଲତା ସେଣ୍ଠ, ସଚ୍ଚିଦାନନ୍ଦ ସାମନ୍ତରାୟ, ରମେଶ ପୃଷ୍ଟି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୁଧବାର ଦ୍ୱାଦଶାହ ଅବସରରେ ଅନନ୍ତ ଗୋପାଳ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ଗୁରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂକୀର୍ତ୍ତନ ମହାମେଳା ଅନୁଷ୍ଠିତ ହୋଇଥିଲା। ଉକ୍ତ ମହାମେଳାରେ ଆଖପାଖ ଅଞ୍ଚଳରୁ ୨୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀର ୨ଶହରୁ ଅଧିକ ସଂକୀର୍ତ୍ତନ ପ୍ରେମୀ ଯୋଗଦେଇ ଗୁରୁଙ୍କ ବିଷୟରେ ବର୍ଣ୍ଣନା କରିଥିଲେ। ଶିଶିର କୁମାର ନାଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ନରହରୀ ରାଉଳ, ଗୋବିନ୍ଦ ବାରିକ୍, ସନାତନ ସାହୁ, ଅଶୋକ ବେହେରା, ଲକ୍ଷ୍ମୀଧର ବେହେରା, ଆକାଶ ବାରିକ୍, ମହେଶ୍ୱର ନାୟକ, ମିଟୁ ବାରିକ୍, ପ୍ରମୋଦ ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ବଡ଼ପୁଅ କାମଦେବ ସେଣ୍ଠ ଧନ୍ୟବାଦ ଦେଇଥିଲେ।

# ସ୍ୱାଭାବିକ ହେବ ପରିବହନ

**ଯାଜପୁର ଅଫିସ,୫।୯**

ଯାଜପୁର ଜିଲା ରତ୍ନଗର୍ଭା ସୁକିନ୍ଦା ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବିବାଦକୁ ନେଇ ଲାଗି ରହିଥିବା ଅରାଜକତାର ଅନ୍ତ ହୋଇଛି। ଯାଜପୁରରୋଡ ଡେପୁଟି ଡାଇରେକ୍ଟର ଅଫ ମାଇନ୍ସ(ଡିଡିଏମ୍) ତାଙ୍କ ପତ୍ରସଂଖ୍ୟା ୧୩୭୨/୫।୯।୨୦୧୯ରେ ଖଣି ଲିଜ୍‌ଧାରୀ ଓ ପରିବହନକାରୀଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ଆଇନକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିଡିଏମ୍‌ଙ୍କ ଏହି ନିର୍ଦ୍ଦେଶ ପରେ ଉପଯୁକ୍ତ ଭାବେ ଲୋଡିଂ ପାଇବାରୁ ବଞ୍ଚିତ ହେଉଥିବା ପ୍ରାୟ ହଜାରେ ଟ୍ରକ୍ ମାଲିକଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି।

ସୂଚନାଯୋଗ୍ୟ ଯେ, ପ୍ରତ୍ୟେହ କ୍ରୋମାଇଟ ଖଣି ଅଞ୍ଚଳରେ ପ୍ରତିଦିନ ୬ଚକିଆ ୧ହଜାରରୁ ଊର୍ଦ୍ଧ୍ୱ ଏବଂ ୧୦, ୧୨, ୧୪ ଚକିଆ ଟ୍ରକ ୨୦୦ରୁ ଊର୍ଦ୍ଧ୍ୱ ଲୋଡ଼ିଂ ନେଉଛନ୍ତି। ତେବେ ମେସେଜ ଜରିଆରେ ହେଉଥିବା ଏହି ଲୋଡିଂରେ ଦୀର୍ଘ ୩୦ବର୍ଷ ହେଲା ବେଆଇନ ଆଦାୟ ଚାଲିଥିଲା। ଏହି ଏକଚାଟିଆ ନୀତି ବିରୋଧରେ ସୁକିନ୍ଦା ଟ୍ରକ୍ ମାଲିକ ସଂଘ ପକ୍ଷରୁ ୨୦୦୯ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୮୬୮୫/୨୦୦୯ରେ ସ୍ଥାନୀୟ ଟ୍ରକ୍ ମାଲିକ ସଂଘ ସହଯୋଗରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ଆଦେଶ ପ୍ରଦାନ କରିଥିଲେ। ପ୍ରଶାସନ ଓ ମିନେରାଲ ଟ୍ରକ୍ ସଂଘ ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ୮୬୮୫ ନମ୍ବରର ଆଦେଶକୁ ଡିସ୍‌ପୋଜ କରି ୧୮।୮।୨୦୦୯ ପୁଣି ଏକ ନୂତନଭାବେ ଆବେଦନ କରାଯାଇଥିଲା। ସୁକିନ୍ଦା ଟ୍ରକ୍ ମାଲିକ ସଂଘର ଏହି ଆବେଦନକୁ ବିଚାର କରି ହାଇକୋର୍ଟ ୧୪୬୪୨/୨୦୧୫ ନମ୍ବରରେ ଜିଲାପାଳଙ୍କୁ ସିଧାସଳଖ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମ ଲାଗୁ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଫଳରେ ତତ୍‌କାଳୀନ ଜିଲାପାଳ ସତ୍ୟ କୁମାର ମଲ୍ଲିକ ୨୦୧୬ ଏପ୍ରିଲ ୨୬ ତାରିଖରେ ଲେବର ବ୍ୟାଚ ଉଚ୍ଛେଦ ଓ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ଲାଗୁ କରିବାକୁ କଡ଼ା ପଦକ୍ଷେପ ଗ୍ରହଣ କରିଥିଲେ। ଲେବର ବ୍ୟାଚ ଉଚ୍ଛେଦ ହୋଇଥିଲେ ମଧ୍ୟ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ୬ଚକିଆ ଟ୍ରକ୍ କ୍ଷେତ୍ରରେ ସୀମିତ ହୋଇ ରହିଥିଲା। ଫଳରେ ସେମାନେ ବାଧ୍ୟ ହୋଇ ପୁର୍ନବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ବିଚାର କରି ଗତ ଅଗଷ୍ଟ ୨ତାରିଖରେ ହାଇକୋର୍ଟ ମାମଲା ନଂ ୧୨୯୯୫/୨୦୧୯ରେ ଜିଲାପାଳଙ୍କୁ ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମ ଲାଗୁ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ରଞ୍ଜନ କୁମାର ଦାସ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଦକ୍ଷେପ ଗ୍ରହଣ କରିଥିଲେ। ଏହାକୁ ସୁକିନ୍ଦା ମିନେରାଲସ୍ ଟ୍ରକ୍ ମାଲିକ ଆସୋସିଏଶନ ବିରୋଧ କରିଥିଲା। ଫଳରେ ଅଗଷ୍ଟ ୨୦ତାରିଖରୁ ପରିବହନ ଠପ୍ ହୋଇ ପଡ଼ିଥିଲା। ଏଥିଯୋଗୁ କଳିଙ୍ଗନଗର ଅନେକ ଶିଳ୍ପ କାରଖାନା କଞ୍ଚାମାଲ ଅଭାବରୁ ପ୍ରଭାବିତ ହୋଇଥିଲା। ଖଣି ଅଞ୍ଚଳରେ ବ୍ୟବସାୟ କରି ଚଳୁଥିବା ଅନେକ ଗରିବ ବ୍ୟବସାୟୀଙ୍କ ଦୋକାନ ବନ୍ଦ ହୋଇଯାଇଥିଲା। ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ମାଲିକ ପ୍ରଭାବିତ ହୋଇଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ମାରାଥାନ ବୈଠକ ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୪ତାରିଖ ବୈଠକ ବିଫଳ ହେବାପରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏନେଇ ପୁଣି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୬ ଛକିଆ ଟ୍ରକ୍ ଭଳି ଅନ୍ୟ ସମସ୍ତ ଟ୍ରକ୍‌ଗୁଡ଼ିକରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ଆଇନ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଜିଲାପାଳଙ୍କ ସମେତ ଏସ୍‌ପି ଚରଣସିଂ ମୀନା, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଡିଡିଏମ ପ୍ରିୟଦର୍ଶନୀ ସନ୍ଦିପ କୁମାର ବଳ, ଡିଆଇପିଆରଓ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମସ୍ୟାର ସମାଧାନ ଦିଗରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ, ଖଣି କର୍ତ୍ତୃପକ୍ଷ, ପରିବହନକାରୀ ସଂସ୍ଥା, ସମସ୍ତ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିବାରୁ ଜିଲାପାଳ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

### ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବିବାଦ



ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

- ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଡିଡିଏମଙ୍କ ନିର୍ଦ୍ଦେଶ
- ଲୋଡିଂରୁ ବଞ୍ଚିତ ଟ୍ରକ୍ ମାଲିକଙ୍କ ମଧ୍ୟରେ ଖୁସିର ଲହରି
- ସୁକିନ୍ଦା କ୍ରୋମ ଅଞ୍ଚଳରେ ଶାନ୍ତି ଫେରିବା ଆଶା ଉଜ୍ଜୀବିତ

## ମହିଳା ସରପଞ୍ଚଙ୍କୁ ଟାଟା କର୍ମଚାରୀଙ୍କ ଜାତିଆଣ ଆକ୍ଷେପ, ଦୁର୍ବ୍ୟବହାର ଘଟଣା

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଥାନାରେ ମାମଲା ରୁଜୁ

**ଯୋଡ଼ା, ୫।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ଅବସ୍ଥିତ ଟାଟା କମ୍ପାନୀର ଖଣ୍ଡବନ୍ଧ ଖଣିକୁ ନ୍ୟାଯ୍ୟ ଦାବିନେଇ ଯାଇଥିବା ସ୍ଥାନୀୟ ପଞ୍ଚାୟତବାସୀଙ୍କ କମ୍ପାନୀ ଅଧିକାରୀଙ୍କ ପ୍ରରୋଚନାରେ ସୁରକ୍ଷାକର୍ମୀ ଜାତିଆଣ ଅକ୍ଷେପ କରିବା ସହ ମାଡ଼ ମାରିବା ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟ ଗତ ଜୁଲାଇ ୩୧ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶ ପରେ ଜଲହରୀ ସରପଞ୍ଚ ମିତା ମୁଣ୍ଡାଙ୍କ ଅଭିଯୋଗକୁ ଭିତ୍ତି କରି ବାମବେରୀ ଥାନାରେ ଆଇପିସି ଦଫା ୩୪୧,୨୯୪, ୩୨୩, ୫୦୬, ୩୫୪/୩୪ ଏବଂ ୩ଏସ୍‌ଟି/ଏସ୍‌ସିରେ ଏକ ମାମଲା(୯୯/୧୦।୮।୨୦୧୯) ରୁଜୁ ହୋଇଛି। କମ୍ପାନୀର ୨ଅଧିକାରୀ ମନୀଶ ମିଶ୍ର, ଶିରିଶ ଶେଖର, ସିକ୍ୟୁରିଟି ମ୍ୟାନେଜର ରାଜେନ୍ଦ୍ର ଶତପଥୀ ଏବଂ ସିକ୍ୟୁରିଟି ଗାର୍ଡ ଲମ୍ବୋଦର ମହାନ୍ତଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ଏବଂ ଘଟଣାକୁ ଗୁରୁତ୍ୱର ସହ ନିଆଯାଉଛି ବୋଲି ମାମଲାର ତଦନ୍ତକାରୀ ଅଧିକାରୀ ବଡବିଲ ଏସଡିପିଓ ଦିଲୀପ କୁମାର ବାଗ ଗୁରୁବାର କହିଛନ୍ତି। ତେବେ ଏହି ମାମଲା ପଞ୍ଜୀକୃତ ହେବାର ଇତିମଧ୍ୟରେ ୩ସପ୍ତାହ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବାରୁ ଅଭିଯୋଗକାରିଣୀ ଏବଂ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

୨୦୧୧ରେ ଟାଟା କମ୍ପାନୀର ଜନଶୁଣାଣିବେଳେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ପରିବହନ କାର୍ଯ୍ୟ ପ୍ରଭୃତି ସମ୍ପର୍କରେ ଏକ ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ବୁଝାମଣା ଅନୁଯାୟୀ ୬।୧୨।୨୦୧୮ରେ ପ୍ରଭାବିତ ଜଲହରୀ ଓ ଜଜାଙ୍ଗ ପଞ୍ଚାୟତର କେତେକ ଲୋକ ଏବଂ ସରପଞ୍ଚ ମିତା ମୁଣ୍ଡା ଶୃଙ୍ଖଳାର ସହିତ କମ୍ପାନୀର ଖଣି ଅଧିକାରୀଙ୍କ ସହିତ ଆଲୋଚନା ପାଇଁ ଯାଇଥିଲେ। ଏହି ସମୟରେ ଖଣିରେ କାର୍ଯ୍ୟରତ ଥିବା ସିକ୍ୟୁରିଟି ସଂସ୍ଥାର ମ୍ୟାନେଜର ଲମ୍ବୋଦର ମହାନ୍ତ ସେମାନଙ୍କୁ ଅଟକାଇଥିଲେ। ସରପଞ୍ଚ ମିତା ଖଣିର ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ଆସିଛୁ ବୋଲି କହିଥିଲେ। ସିକ୍ୟୁରିଟି ମ୍ୟାନେଜର ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧକ୍କା ଦେଇ ତଳେ ପକାଇଦେଇଥିଲେ। ଏହାପରେ ଅନ୍ୟ ସୁରକ୍ଷାକର୍ମୀମାନେ ଆସି ସରପଞ୍ଚ ଓ ତାଙ୍କ ଲୋକଙ୍କୁ ବିଧା ଓ ଲାଠିରେ ଆକ୍ରମଣ କରି ଖଣ୍ଡିଆଖାବରା କରିଦେଇଥିଲେ। ଏହି ସମୟରେ ଟାଟା କମ୍ପାନୀର ଜିଏମ୍ ମନିଷ ମିଶ୍ର ଓ ଅନ୍ୟକିଛି ଅଧିକାରୀ ସେଠାରେ ପହଞ୍ଚି ମାଡ଼ ମାରୁଥିବା ସୁରକ୍ଷାକର୍ମୀଙ୍କୁ ବାରଣ କରିବା ପରିବର୍ତ୍ତେ ଏଠାକୁ ଯିଏ ଆସୁଛି ସମସ୍ତଙ୍କୁ ଜୀବନରେ ମାରିଦିଅ, ତୁମ କଥା ବୁଝିବା ପାଇଁ ଟାଟା କମ୍ପାନୀ ଅଛି ବୋଲି କହିଥିଲେ। ଏହା ଶୁଣି ସୁରକ୍ଷାକର୍ମୀମାନେ ଆହୁରି ଉତ୍ସାହିତ ହୋଇ ଲୋକମାନଙ୍କୁ ନିର୍ଦ୍ଦୟ ଭାବେ ମାଡ଼ ମାରିଥିଲେ। ଏହି ଘଟଣା ସମ୍ପର୍କରେ ସରପଞ୍ଚ ମିତା ଓ ଜଜାଙ୍ଗ ସରପଞ୍ଚ ରତ୍ନମଣି ନାଏକ ୧୩।୧୨।୨୦୧୮ରେ ଡାକ ଯୋଗେ ଲିଖିତ ଭାବେ ବାମେବାରୀ ଥାନରେ ଜଣାଇଥିଲେ। ଜଜାଙ୍ଗ ସରପଞ୍ଚ ରତ୍ନମଣି ନାଏକଙ୍କ ଅଭିଯୋଗକୁ ଏତଲା ଭାବେ ଗ୍ରହଣ କରି ବାମେବାରୀ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। କିନ୍ତୁ ଜଲହରି ସରପଞ୍ଚ ମିତାଙ୍କ ଅଭିଯୋଗକୁ ପୋଲିସ ଗ୍ରହଣ କରି ନ ଥିଲା। ଏନେଇ ଅଭିଯୋଗକାରିଣୀ ମିତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାପରେ ହାଇକୋର୍ଟରେ ଏନେଇ ଏକ ମାମଲା(୮୪/୨୦୧୯) ରୁଜୁ ହୋଇଥିଲା। ମାମଲାର ଶୁଣାଣି କରି ହାଇକୋର୍ଟ ବାମବେରୀ ପୋଲିସକୁ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ଆଇନ ଅନୁସାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଗତ ଜୁଲାଇ ୩୧ରେ ନିର୍ଦ୍ଦେଶ ଦେଇଥିଲେ। ଏନେଇ ବାମେବାରି ଥାନାରେ ମିତାଙ୍କ ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରାଯିବା ସହ ଘଟଣାର ତଦନ୍ତ ଦାୟିତ୍ୱ ବଡ଼ବିଲ୍ ଏସ୍‌ଡିପିଓ ବାଗ୍ ନେଇଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

### ମାମଲାର ୩ ସପ୍ତାହ ପରେ ମଧ ଗିରଫ ହୋଇନାହାନ୍ତି ଅଭିଯୁକ୍ତ

## ଘରେ ପଶି ଛାତ୍ରୀଙ୍କୁ ବଳାତ୍କାର ଘଟଣା
# ଅଭିଯୁକ୍ତ କୋର୍ଟ ଚାଲାଣ

**ବିଞ୍ଝାରପୁର,୫।୯(ଡି.ଏନ୍.ଏ.)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଅରେଇ ପଞ୍ଚାୟତ ପୋଖରିଆପଡ଼ା ଗ୍ରାମରେ ବୁଧବାର ଘରେ ପଶି ଜନୈକା ଛାତ୍ରୀଙ୍କୁ ବଳାତ୍କାର ଘଟଣାରେ ପୋଲିସ ଅଭିଯୁକ୍ତ ସାଗର ଯେନାଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ଏଥିସହିତ ନାବାଳିକାଙ୍କ ଡାକ୍ତରୀମାଇନା ପରେ ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ କରାଯାଇଛି। ପ୍ରକାଶ ଯେ, ଅରେଇ ପଞ୍ଚାୟତର ଏକ ଉଚ୍ଚ ବିଦ୍ୟାଳୟରେ ପୀଡ଼ିତା ନାବାଳିକାଙ୍କ ମା' ମଧ୍ୟାହ୍ନ ଭୋଜନରେ ରୋଷଇ କାର୍ଯ୍ୟରେ ସହାୟିକା ଭାବେ କାର୍ଯ୍ୟ କରନ୍ତି। ସେହି ବିଦ୍ୟାଳୟରେ ପୀଡ଼ିତା ମଧ୍ୟ ନବମ ଶ୍ରେଣୀରେ ପାଠ ପଢନ୍ତି। ବୁଧବାର ମା' ଓ ଝିଅ ସ୍କୁଲକୁ ଯାଇଥିଲେ। ତେବେ ଉକ୍ତ ପଞ୍ଚାୟତରେ ସେହିଦିନ ରାଶନକାର୍ଡ ହିତାଧିକାରୀଙ୍କୁ ମାଗଣାରେ ଏଲ୍‌ଇଡି ବଲବ୍ ବଣ୍ଟା ଯାଉଥିଲା। ତେଣୁ ପାଖରେ ରାଶନ କାର୍ଡ ନ ଥିବାର ମଧ୍ୟାହ୍ନରେ ସ୍କୁଲରେ ଦରଖାସ୍ତ ଦେଇ ଘରୁ ରାଶନ କାର୍ଡ ଆଣିବାକୁ ମହିଳା ଜଣକ ତାଙ୍କ ନାବାଳିକା ଝିଅଙ୍କୁ ପଠାଇଥିଲେ। ନାବାଳିକା ଜଣକ ରାଶନକାର୍ଡ ଆଣିବାକୁ ଘରକୁ ଯାଇଥିବାବେଳେ ସେହି ଗ୍ରାମର ସାଗର ଯେନା ନାବାଳିକାଙ୍କୁ ଘରେ ଏକୁଟିଆ ପାଇ ଘରର ଭିତରପଟୁ କବାଟ ଦେଇ ବଳାତ୍କାର କରିଥିଲେ। ଏପରି କି ଏହି ଘଟଣା ବିଷୟରେ କାହାରିକୁ କହିଲେ ଜୀବନରେ ମାରିଦେବାକୁ ଧମକ୍ ଦେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ। ପରେ ନାବାଳିକା ଜଣକ ମା'ଙ୍କ ନିକଟରେ କହିବାପରେ ଉଭୟେ ବିଞ୍ଝାରପୁର ଥାନା ଯାଇ ଅଭିଯୋଗ କରିବା ସହ ନ୍ୟାୟ ଭିକ୍ଷା କରିଥିଲେ। ମାତ୍ର ପୋଲିସ ପ୍ରଥମେ ଅଭିଯୋଗକୁ ଗ୍ରହଣ କରି ନ ଥିଲା। ଘଟଣା ସମ୍ପର୍କରେ ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନା କୌଣସି ସୂତ୍ରରୁ ଖବରପାଇ ଏହି ଘଟଣାରେ ହସ୍ତକ୍ଷେପ କରିବାରୁ ଥାନାରେ ଏକ ମାମଲା(ନଂ.୨୧୮/୨୦୧୯)ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ସାଗରଙ୍କୁ ସନ୍ଧ୍ୟାରେ ଉଠାଇ ଆଣି ଥାନାରେ ଅଟକକ ରଖି ପଚରା ଉଚରା କରିବା ପରେ ଗୁରୁବାର କୋର୍ଟ ଚାଲାଣ କରିଥିଲା।

# ଭତ୍ତା ଅପେକ୍ଷାରେ କୁନି

**ଜେନାପୁର,୫।୯(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ରାଇଛନ୍ଦା ପଞ୍ଚାୟତ ଅଧୀନ ରାଇଛନ୍ଦା ଗ୍ରାମର କୁନ ପ୍ରଧାନ (୬୮) ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକରେ ଅଭିଯୋଗ କରି ନିରାଶ ହୋଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କୁ ପଚାରିବାରୁ, କୁନଙ୍କ ଆବେଦନ ପତ୍ର ବ୍ଲକ କାର୍ଯ୍ୟାଳୟରେ ଦାଖଲ କରାଯାଇଛି ବୋଲି କହିଛନ୍ତି।

# ମୋଟର ଯାନ ଆଇନକୁ ଉଲ୍ଲଂଘନ କରୁଛି ପୋଲିସ

**ରସୁଲପୁର, ୫।୯(ଡି.ଏନ୍.ଏ.)**

ଦୀର୍ଘଦିନ ପରେ ୧୯୮୮ ମୋଟର ଯାନ ଆଇନରେ ସଂଶୋଧନ ହୋଇଛି। ସେପ୍ଟେମ୍ବର ୧ରୁ ନୂତନ ମୋଟର ଯାନ ଆଇନ ସମଗ୍ର ଦେଶରେ କାର୍ଯ୍ୟକାରୀ ହୋଇଛି। ଯାନବାହାନ ଚଳାଚଳରେ ଆଇନକୁ ଉଲ୍ଲଂଘନ କରୁଥିବା ଚାଳକଙ୍କ ପ୍ରତି କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ଏହାକୁ କାର୍ଯ୍ୟକାରୀ ଦାୟିତ୍ୱରେ ଥିବା ପୋଲିସ ବାହିନୀ, ପରିବହନ ବିଭାଗ, ମୋଟର ଯାନ ତନଖି ବିଭାଗ, ଟ୍ରାଫିକ୍ ନିୟନ୍ତ୍ରଣ ବିଭାଗର ଅଧିକାରୀମାନେ ତତ୍ପର ହୋଇଉଠିଛନ୍ତି। ହେଲେ ଏହି ଆଇନକୁ କାର୍ଯ୍ୟକାରୀ କରିବା ଦିଗରେ ପୋଲିସର ପ୍ରମୁଖ ଭୂମିକା ରହୁଛି। ଆଇନ ଦିଗରେ ସଚେତନ କରାଇବା ପାଇଁ ପୋଲିସ ସିଧାସଳଖ ଜନସାଧାରଣଙ୍କ ସହ ସମ୍ପର୍କ ଯୋଡୁଛି। ଏଥିସହ ନୂଆ ଆଇନ ସମ୍ପର୍କରେ ସଚେତନ କରାଇବା ସହ ଆଇନ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କଠାରୁ ମୋଟା ଅଙ୍କର ଜରିମାନା ମଧ୍ୟ ଆଦାୟ କରାଯାଉଛି। ହେଲେ ଏଠାରେ ବାଡ଼ କ୍ଷେତ ଖାଉଥିବା ଭଳି ମନେ ହେଉଛି। ଆଇନ ରକ୍ଷକ ନିଜେ ଆଇନ ଉଲଙ୍ଘନକାରୀ ସାଜିଛି। ପୋଲିସ କର୍ମଚାରୀ ବିନା ହେଲ୍‌ମେଟରେ ଗାଡ଼ି ଚଳାଇବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ଏଭଳି ଘଟଣା କୁଆଖିଆ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ମଙ୍ଗଳବାର ୨ଜଣ ପୋଲିସ କର୍ମଚାରୀ ଏକ ବାଇକରେ ବିନା ହେଲମେଟରେ ଯାଉଥିବାର ଦେଖିବାକୁ ମିଳିଥିଲା। ଏହି କର୍ମଚାରୀଦ୍ୱୟ ୧୬ ନଂ ଜାତୀୟ ରାଜପଥ ଉପରେ ହେଲମେଟ ନ ପିନ୍ଧି ବାଇକ୍ ଚଳାଇ ଯାଉଥିବା ଦୃଶ୍ୟ ସାଧାରଣରେ ଦୃଶ୍ୟମାନ ହୋଇଛି। ତେବେ ପୋଲିସ ନିଜେ ଏହି ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବାବେଳେ ଏଦିଗରେ ଜନସାଧାରଣଙ୍କୁ ସଚେତନ କରାଇବା ଏକ ପ୍ରହସନ ବୋଲି କୁହାଯାଉଛି। ତେବେ ପୋଲିସ କର୍ମଚାରୀଙ୍କ ପାଇଁ ପ୍ରଥେମ ଏହି ନିୟମ ଲାଗୁ କରାଯାଉ। ପରେ ଏଦିଗରେ ଜନସାଧାରଣଙ୍କୁ ସଚେତନ କରାଇଲେ ଯାଇ ଉଦ୍ଦେଶ୍ୟ ଫଳପ୍ରଦ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

### ବାଡ଼ ଖାଉଛି ଖେତ





ବିନା ହେଲ୍‌ମେଟ୍‌ରେ ଯାଉଥିବା ପୋଲିସ କର୍ମଚାରୀ।

# ମା', ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ପ୍ରହସନ

**ରସୁଲପୁର,୫।୯(ଡି.ଏନ୍.ଏ.)**

ଶିଶୁମାନଙ୍କ ପୁଷ୍ଟି ସାଧନ ସହ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସେହିଭଳି ଗର୍ଭବତୀ ଓ ପ୍ରସୂତୀ ମା'ଙ୍କ ସ୍ୱାସ୍ଥ୍ୟ ପ୍ରତି ସରକାର ଯଥେଷ୍ଟ ଧ୍ୟାନ ଦେଉଛନ୍ତି। ଗର୍ଭସ୍ଥ ଶିଶୁଠାରୁ ଆରମ୍ଭ କରି ନବଜାତକ ଓ ସେମାନଙ୍କ ମା'ଙ୍କୁ ପ୍ରତ୍ୟେକ ଗାଁ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ବିଭିନ୍ନ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ହେଲେ ପୁଷ୍ଟିକର ଖାଦ୍ୟ ପ୍ରଦାନ ଦାୟିତ୍ୱରେ ଥିବା କମ୍ପାନୀ, ଗୋଷ୍ଠୀ, ଏଜେନ୍ସି, ବ୍ୟକ୍ତି ବିଶେଷଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ସରକାରୀ ଲକ୍ଷ୍ୟ ସାଧନ ହେବାରେ ବାଧା ଉପୁଜୁଛି। ଏଭଳି କିଛି ବ୍ୟତିକ୍ରମ ଯାଜପୁର ଜିଲା ରସୁଲପୁର ବ୍ଲକରେ ଦେଖାଯାଇଛି। ଏହି ବ୍ଲକରେ ଗର୍ଭବତୀ, ପ୍ରସୂତି ମା' ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ପ୍ରହସନରେ ପରିଣତ ହୋଇଛି। ମା' ଓ ଶିଶୁମାନଙ୍କୁ ନିମ୍ନମାନର ଛତୁଆ, ହାଲୁଆ, ଲଡୁ ପ୍ରଦାନ କରାଯାଉଛି। ସେଗୁଡିକ ଅରୁଚିକର ହୋଇଥିବାରୁ କେତେକ ଲୋକ ଏହାକୁ ଗୋଖାଦ୍ୟ ଭାବରେ ବ୍ୟବହାର କରୁଥିବା ଦେଖାଯାଉଛି। ଏସବୁ ସାମଗ୍ରୀକୁ ଯାଞ୍ଚ କରିବା ପାଇଁ ଗଠିତ କମିଟି ଠିକ୍ ଭାବରେ କାର୍ଯ୍ୟକରୁ ନ ଥିବାରୁ ଶୁଖିଲା ଖାଦ୍ୟ ଯୋଗାଣକାରୀ ସଂସ୍ଥା ମନୋମୁଖି କାର୍ଯ୍ୟ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ରସୁଲପୁର ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିନସ୍ଥ ୨୮ଗୋଟି ପଞ୍ଚାୟତରେ ମୋଟ ୨୬୬ଟି ଅଙ୍ଗନୱାଡ଼ି କେନ୍ଦ୍ର ପରିଚାଳିତ ହେଉଛି। ଏହି କେନ୍ଦ୍ର ଅଧୀନରେ ହାରାହାରି ୩ହଜହାର ଗର୍ଭବତୀ ଓ ପ୍ରସୂତି ମହିଳା, ୭ମାସରୁ ୨ବର୍ଷ ୧୧ମାସ ଶିଶୁ ୭,୫୦୦, ୩ ରୁ ୫.୧୧ ବର୍ଷ ଶିଶୁ ୬,୫୦୦କୁ ମିଶାଇ ମୋଟ ୧୭ହଜାର ମା' ଓ ଶିଶୁଙ୍କୁ ଖାଦ୍ୟ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଗର୍ଭବତୀ ମା' ଓ ଶିଶୁଙ୍କୁ ଶୁଖିଲା ଖାଦ୍ୟ(ଛତୁଆ, ହାଲୁଆ, ବାଦାମ ଲଡୁ) ଯୋଗାଣ ଦାୟିତ୍ୱ ପ୍ରଥମାଖଣ୍ଡି ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀ ଶ୍ରୀଶ୍ରୀ ରାମେଶ୍ୱର ଛତୁଆ ଉତ୍ପାଦନ କେନ୍ଦ୍ରକୁ ଦିଆଯାଇଛି। ପ୍ରତ୍ୟେକ ମାସରେ ଗର୍ଭବତୀ ଓ ପ୍ରସୂତି ୨ ପାକେଟ ଛତୁଆ( ପ୍ରତି ପାକେଟ ପରିମାଣ ୨.୫୦୦ କି.ଗ୍ରା), ଗୋଟିଏ ପାକେଟ ବାଦାମ ଲଡୁ( ପରିମାଣ ୨୪ ପିସ୍), ୭ ମାସରୁ ୨.୧୧ବର୍ଷ ପିଲାଙ୍କୁ ଗୋଟିଏ ପାକେଟ ଛତୁଆ ସହ ଗୋଟିଏ ହାଲୁଆ(୧କି. ୩୫୦ଗ୍ରାମ) ପାକେଟ ପ୍ରଦାନ କରାଯିବାର ନିୟମ ରହିଛି। ନିୟମାନୁଯାୟୀ ଗୋଟିଏ ପାକେଟ ଛତୁଆ ପ୍ରସ୍ତୁତ କରିବା ପାଇଁ ୧୫୩୧.୨୫ ଗ୍ରାମ ଗହମ, ୩୦୬.୨୫ଗ୍ରାମ ବୁଟ, ୨୨୯.୬୯ ଗ୍ରାମ ବାଦାମ, ୩୮୨.୮୧ ଗ୍ରାମ ଚିନି ବ୍ୟବହାର କରିବାକୁ ଥିବା ବେଳେ ସେହିପରି ଗୋଟିଏ ହାଲୁଆ ପାକେଟ ପ୍ରସ୍ତୁତ ପାଇଁ ୮୦୦ଗ୍ରାମ ମକା, ୩୫୦ ଗ୍ରାମ ବେସନ, ୩୫୦ଗ୍ରାମ ଚିନି, ରାଶି ତେଲ ୧.୩୫୦ଗ୍ରାମ ମିଶ୍ରଣ କରାଯିବ। ଛତୁଆ ଓ ହାଲୁଆ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀକୁ ମିଶ୍ରଣ କାର୍ଯ୍ୟ ଯାଞ୍ଚ କମିଟି ସମ୍ମୁଖରେ କରାଯିବ। ଯାହାକି ପ୍ରତ୍ୟେକ ମାସର ୨୩ତାରିଖରେ ସବୁ ଛତୁଆ ଉତ୍ପାଦନ କେନ୍ଦ୍ରରେ କରାଯିବାର ନିୟମ ରହିଛି। ବ୍ୟବହୃତ ସାମଗ୍ରୀର ମାନକୁ ଯାଞ୍ଚ କରାଯିବା ସହ ଠିକ୍ ପରିମାଣରେ ସମସ୍ତ ଖାଦ୍ୟ ପଦାର୍ଥ ବ୍ୟବହାର ହେଉଛି କି ନାହିଁ ସେ ଦିଗରେ କମିଟି ଧ୍ୟାନ ଦେବ। ଏହାପରେ ଛତୁଆ ପ୍ରସ୍ତୁତ ହୋଇ ପ୍ୟାକିଂ କରାଯିବ। ପ୍ରତ୍ୟେକ ମାସର ୧ତାରିଖରେ ଅଙ୍ଗନୱାଡ଼ି କେନ୍ଦ୍ରରେ ଛତୁଆ ବଣ୍ଟନ କରାଯିବ। ଏଥିପୂର୍ବରୁ ଉତ୍ପାଦନକାରୀ ସଂସ୍ଥା ସବୁ କେନ୍ଦ୍ରରେ ଛତୁଆ ପହଁଚିବାକୁ ନିଶ୍ଚିତ କରିବେ। ନଚେତ୍ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ମାତ୍ର ଏସବୁ ନିୟମକୁ ରାମେଶ୍ୱର ଛତୁଆ ଉତ୍ପାଦନକାରୀ ସଂସ୍ଥା ମାନୁ ନାହିଁ। ଛତୁଆ ପ୍ରସ୍ତୁତବେଳେ ଗହମ ପରିମାଣକୁ ଅଧିକ ରଖାଯାଉଛି। ଅନ୍ୟ ସାମଗ୍ରୀ ପରିମାଣ କମିଯାଉଥିବାରୁ ଏହା ମହିଳା ଓ ଶିଶୁଙ୍କୁ ଅରୁଚିକର ହେଉଛି ଫଳରେ ଏହାକୁ ଲୋକମାନେ ଖାଇ ନ ପାରି ଗୋଖ୍ୟାଦ୍ୟ ଭାବେ ବ୍ୟବହାର କରୁଛନ୍ତି। ସେହିପରି ହାଲୁଆ ପ୍ୟାକେଟ ନିମ୍ନମାନର ଯୋଗୁ ତାହାବି ବ୍ୟବହାର ଉପେଯାଗୀ ହୋଇପାରୁ ନାହିଁ। ଏଥିସହ ସୁଜି, ଚିନି ଓ ରାଶି ତେଲ ଅଲଗା ଅଲଗା ଭାବରେ ପ୍ୟାକିଂ କରି ଦେବା ନିୟମକୁ ଖୋଲାଖୋଲି ଉଲଙ୍ଘନ କରାଯାଉଛି। ଏଠି ରାଶି ତେଲେ ଆଦୌ ଦିଆଯାଉ ନାହିଁ। ଲଡୁ ଅତ୍ୟନ୍ତ ନିମ୍ନମାନର ବାଦମ ଓ ଗୁଡ଼ରେ ପ୍ରସ୍ତୁତ କରାଯାଉଛି। ଗୋଟିଏ ପାକେଟରେ ୨୪ଟି ଲଡୁ ରହିବା ବଦଳରେ ୮ ରୁ ୧୦ଟି ଲଡୁ ରହୁଛି। ହାଲୁଆ ପାକେଟରେ ଓଜନ ୧୩୫୦ ଗ୍ରାମ ଉଲ୍ଲେଖ ରହିଛି। ମାତ୍ର ଏହାକୁ ଓଜନ କଲାବେଳକୁ ଏହା ୧୧୧୦ଗ୍ରାମ ହେଉଛି। ଗୋଟିଏ ପାକେଟରେ ୨୪୦ ଗ୍ରାମ ଓଜନର ହାଲୁଆ କମ୍ ରହୁଛି। ଚଳିତ ମାସ ୧ ତାରିଖ ରବିବାର ପଡ଼ିଥିଲା। ଏହି ଦିନ ସବୁ କେନ୍ଦ୍ରରେ ଶୁଖିଲା ଖାଦ୍ୟ ବାଣ୍ଟିବାକୁ ଥିଲା। ଉତ୍ପାଦନକାରୀ ସଂସ୍ଥା ପକ୍ଷରୁ ସବୁ କେନ୍ଦ୍ରରେ ଶୁଖିଲା ଖାଦ୍ୟ ପହଞ୍ଚାଇବାରେ ବିଫଳ ହେବାରୁ ତାହା ସମ୍ଭବ ହୋଇପାରିଲା ନାହିଁ। ଉତ୍ପାଦନକାରୀ ସଂସ୍ଥା ଓ ଯାଞ୍ଚ ଅଧିକାରୀଙ୍କ ମଧ୍ୟରେ ଭିତିରି ବୁଝାବଣା ଯୋଗୁଁ ଏଭଳି ହେଉଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ଅଧିକାରିଣୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କୁ ପଚାରିବାରେ ଖାଦ୍ୟର ମାନ ଠିକ୍ ରଖିବାକୁ ଛତୁଆ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକୁ ବାରମ୍ବାର ତାଗିଦ୍ କରାଯିବା ସତ୍ତ୍ୱେ ଏଭଳି ତ୍ରୁଟିବିଚ୍ୟୁତି ଲକ୍ଷ୍ୟ କରାଯାଉଥିବା ସ୍ୱୀକାର କରିଛନ୍ତି। ତେବେ ପ୍ରତ୍ୟେକ ମାସ ୨୩ତାରିଖରେ ଯାଞ୍ଚ ଠିକ୍ ଭାବେ ହେଉଛି କି ନାହିଁ ସେ ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାନ୍ତି। ଏନେଇ ରାମେଶ୍ୱରମ୍ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ସତ୍ୟଭାମା ରାଉତଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଛତୁଆ, ହାଲୁଆ, ବାଦାମ ଲଡୁ ଏବଂ ୧୨ଟି ଅଣ୍ଡାର ପ୍ରଦାନ ବାବଦକୁ ଜଣ ପିଛା ୨୨୩ଟଙ୍କା ଲେଖାଏ ଆମକୁ ମିଳୁଛି। ତେଣୁ ଏହି ଟଙ୍କାରେ ସବୁ ଭାଗମାପ ଠିକ୍ ଭାବେ ପ୍ରଦାନ କରିବା ସମ୍ଭବ ହେଉ ନାହିଁ। ହାଲୁଆରେ ୨୪୦ଗ୍ରାମ କମ୍ ହେବା ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାବେଳେ ତେଲ ଦିଆଯାଉ ନ ଥିବା କଥାକୁ ସ୍ୱୀକାର କରିଛନ୍ତି। ଏପରି କି ଯାଞ୍ଚ କମିଟିର ଜିଲାସ୍ତରୀୟ ପ୍ରତିନିଧି ନିୟମିତ ଭାବେ ଆସୁ ନ ଥିବାବେଳେ ବ୍ଲକର ଅଧିକାରୀଙ୍କ ଉପସ୍ଥିତିରେ ଯାଞ୍ଚ ହେଉଥିବା ପ୍ରକାଶ କରିଛନ୍ତି। ତେବେ କିଛି କିଛି ଅବ୍ୟବସ୍ଥା ଯୋଗୁ ନିର୍ଦ୍ଧାରିତ ସମୟରେର ଛତୁଆ ଯୋଗାଣ କେନ୍ଦ୍ରରେ ପହଞ୍ଚପାରୁ ନ ଥିବା କଥାକୁ ସଭାନେତ୍ରୀ ରାଉତ କହିଛନ୍ତି।

### ରସୁଲପୁର ବ୍ଲକ



- ନିମ୍ନମାନର ଛତୁଆ, ହାଲୁଆ, ବାଦାମ ଲଡୁ ଦିଆଯାଉଥିବା ଅଭିଯୋଗ
- ଖାଦ୍ୟ ପ୍ରସ୍ତୁତି ପାଇଁ ମିଳୁଥିବା ଅର୍ଥ ପର୍ଯ୍ୟାପ୍ତ ନୁହେଁ: ଯୋଗାଣକାରୀ ସଂସ୍ଥା



ପିତା ଯଦି ଚରିତ୍ରବାନ ହୋଇଥାନ୍ତି, ସେ ନିଜର ସନ୍ତାନ ପାଇଁ କିଛି ଧନ ସଞ୍ଚ ନ ପାରିଲେ ମଧ ସନ୍ତାନ ଗୋଟିଏ ଅମୂଲ୍ୟ ଐତିହ୍ୟର ଉତ୍ତରାଧିକାରୀ ହୋଇଯାଏ।
-ମାକ୍‌ଲିଓଡ୍



## ସଂକ୍ଷେପରେ

### ବ୍ୟାସନଗର ପୌର ପରିଷଦରେ ୫-ଟିକୁ ଗୁରୁତ୍ୱ

ଯାଜପୁର ରୋଡ,୫।୯(ନି.ପ୍ର): ବ୍ୟାସନଗର ପୌର ପରିଷଦରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ୫-ଟି ଅନୁସାରେ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ପୌର ପରିଷଦରେ ୨୬ଟି ୱାର୍ଡରେ ୨୬ଜଣ ୱାର୍ଡ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରତ୍ୟେକ ୱାର୍ଡରେ ୱାର୍ଡ ଅଫିସରମାନେ କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଳୟ ଖୋଲାଯାଇଛି। ସମସ୍ୟା ଉପରେ ୱାର୍ଡ ଅଫିସରଙ୍କ ନିକଟରେ ଲୋକେ ଲିଖିତ ଅଭିଯୋଗ କରିବେ। ସେମାନଙ୍କର ଅଭିଯୋଗଗୁଡିକୁ ୱାର୍ଡ ଅଫିସରମାନେ ସମାଧାନ କରିବେ ଓ ନିର୍ବାହୀ ଅଧିକାରୀ ପ୍ରଶାସକଙ୍କୁ ୱାର୍ଡରେ ସମସ୍ୟା ସମ୍ପର୍କରେ ଅବଗତ କରାଇବେ।

### ଶିକ୍ଷାବିକାଶ ପରିଷଦ ଦଶମ ବାର୍ଷିକ ଉତ୍ସବ

କଳିଙ୍ଗନଗର,୫।୯(ଡି.ଏନ୍.ଏ.): ଶିକ୍ଷାବିକାଶ ପରିଷଦର ଦଶମ ବାର୍ଷିକ ଉତ୍ସବ ଗୁରୁବାର ଦାନଗଦୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ରବିନାରାୟଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦାନଗଦୀ ବ୍ଲକର ୧୫ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ ୨୯ ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ରାମଚନ୍ଦ୍ର ନାୟକ, ଶିକ୍ଷା ବିକାଶ ପରିଷଦର ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ବାରିକ, ଦାନଗଦୀ ବ୍ଲକ ଅଧ୍ୟକ୍ଷା ଲୋମାମୁଦ୍ରା ନାୟକ, ସୁଧାଂଶୁ ଉଞ୍ଜ, ଏମ୍‌ପିଙ୍କ ପ୍ରତିନିଧି ଲୋକନାଥ ଧୀର, ବିଡିଓ ମଣିପ୍ରସାଦ ମିଶ୍ର, ବିଓ ବଳରାମ ରାଉତ, ଅବସର ପ୍ରାପ୍ତ ବିଆରସି ତଥା ଶିକ୍ଷା ବିକାଶ ପରିଷଦର ପ୍ରତିଷ୍ଠାତା ମଦନ ମୋହନ ମୋହନ କର, ଅକ୍ଷୟ କୁମାର ରାଉତ, ଏବିଓ ଅଜୟ କୁମାର ମହାନ୍ତି, ଜଳେଶ୍ୱରୀ ମହାନ୍ତ ଏବଂ ଆରତି ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ।

### ପୀଠ କାର୍ଯ୍ୟକ୍ରମରେ ମଙ୍ଗଳପୁର ଶ୍ରେଷ୍ଠ ପଞ୍ଚାୟତ

କଳିଙ୍ଗନଗର,୫।୯(ଡି.ଏନ୍.ଏ.)- ସୁକିନ୍ଦା ନିର୍ବାଚନମଣ୍ଡଳୀ ଦାନଗଦୀ ବ୍ଲକର ମଙ୍ଗଳପୁର ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ରୁପେ ପୁରସ୍କୃତ କରାଯାଇଛି। ବ୍ଲକରେ ଅନୁଷ୍ଠିତ ହୋଇଥିବା ପୀଠା କାର୍ଯ୍ୟକ୍ରମରେ ୨୩ ପଞ୍ଚାୟତରୁ ମଙ୍ଗଳପୁର ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ଚୟନ କରାଯାଇଥିଲା। ଏନେଇ ମଙ୍ଗଳବାର ଯାଜପୁରଠାରେ ସରପଞ୍ଚ ବିଳାସିନୀ ମଲିକଙ୍କୁ ଜିଲାପାଳ ରଞ୍ଜନ କୁମାର ଦାସ ୫ ଲକ୍ଷ ଟଙ୍କାର ପୁରଷ୍କାର ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି।

## ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ବ୍ୟାଙ୍କର ଅସହଯୋଗ

# ମଞ୍ଜୁରୀ ଅପେକ୍ଷାରେ ୪୫ ପ୍ରସ୍ତାବ

ଯାଜପୁର ଅଫିସ,୫।୯

**ଯାଜପୁର ଜିଲା**

- ଅଗଷ୍ଟରେ ଗୋଟିଏ ବି ହୋଇନି ମଞ୍ଜୁର
- ସରକାରଙ୍କ ଆତ୍ମ ନିଯୁକ୍ତି ସୃଷ୍ଟି ଦିଗହରା
- ବ୍ୟାଙ୍କ ଗସ୍ତକରି ଆବଶ୍ୟକ ପଦକ୍ଷେପ ନେବାକୁ ଆଇପିଓଙ୍କୁ ନିର୍ଦ୍ଦେଶ

ଯାଜପୁର ଜିଲାରେ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକର ଅସହଯୋଗ ଅର୍ଥନୀତିର ଅଭିବୃଦ୍ଧିକୁ ପରାହତ କରିଛି। ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କୁ ଋଣ ଯୋଗାଇ ଦେବାରେ ଜିଲାର ବ୍ୟାଙ୍କଗୁଡ଼ିକ ଆଦୌ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଏହି କ୍ରମରେ ଅଗଷ୍ଟ ମାସ ଶେଷ ସୁଦ୍ଧା ଜିଲା ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ୪୫ଟି ପ୍ରସ୍ତାବ ପଡ଼ି ରହିଛି। ବିଡ଼ମ୍ବନା ଯେ, ଅଗଷ୍ଟମାସରେ ଗୋଟିଏ ବି ପ୍ରସ୍ତାବକୁ କୌଣସି ବ୍ୟାଙ୍କ ମଞ୍ଜୁର କରିନାହିଁ। ଗତ ସମୀକ୍ଷା ବୈଠକରେ ଜିଲାପାଳ ଏନେଇ ଅସନ୍ତୋଷ ପ୍ରକାଶ କରି ବ୍ୟାଙ୍କଗୁଡ଼ିକୁ ଋଣ ମଞ୍ଜୁର କରିବାକୁ ପରାମର୍ଶ ଦେଇଥିଲେ ହେଁ ତାହା କାର୍ଯ୍ୟକାରୀ ହେଉ ନାହିଁ। ଯାହାଫଳରେ ସରକାରଙ୍କ ଆତ୍ମ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ଏକ ପ୍ରକାର ଦିଗହରା ହେଉଛି ବୋଲି ମତପ୍ରକାଶ ପାଇଛି।

କୃଷି କ୍ଷେତ୍ର ପରେ ଦେଶର କର୍ମନିଯୁକ୍ତି କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ ବଡଭାଗିଦାରୀ ତୁଲାଇ ଆସୁଛି। ଅର୍ଥନୀତିର ଅଭିବୃଦ୍ଧିରେ ଏହି କ୍ଷେତ୍ର ବିଶେଷ ଗୁରୁତ୍ୱ ରଖେ। ସେହି ଦୃଷ୍ଟିରୁ ବିଶ୍ୱର ପ୍ରତ୍ୟେକ ଅଗ୍ରଣୀ ଦେଶ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ଯତ୍‌ପରନାସ୍ତି ଚେଷ୍ଟା କରି ଆସୁଛନ୍ତି। କିନ୍ତୁ ଯାଜପୁର ଜିଲାରେ ଏହି କ୍ଷେତ୍ର ପ୍ରତି ଆବଶ୍ୟକ ଧ୍ୟାନ ଦିଆଯାଉ ନାହିଁ। ଏହାବାଦ ବ୍ୟାଙ୍କଗୁଡ଼ିକ ପକ୍ଷରୁ ପ୍ରଦାନ କରାଯାଉଥିବା ଋଣରେ ସୁଧ ହାର ଅଧିକା ରହିବା ଏହି ଉଦ୍ୟୋଗର ଅଗ୍ରଗତିରେ ପ୍ରତିବନ୍ଧକ ସାଜିଛି। ସେହିପରି କଞ୍ଚାମାଲର ମୂଲ୍ୟବୃଦ୍ଧି, ଉତ୍ପାଦର ମୂଲ୍ୟ ଠିକ୍ ସମୟରେ ନ ମିଳିବାରୁ ସେମାନଙ୍କୁ ହାତ ବାନ୍ଧି ବସିବାକୁ ଅନେକ ସମୟରେ ବାଧ କରୁଛି। ଦେଶର ମୋଟ ଘରୋଇ ଉତ୍ପାଦନରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ଯୋଗଦାନ ୮ପ୍ରତିଶତ ରହିଥିବାବେଳେ ମୋଟ ନିର୍ମାଣ ସାମଗ୍ରୀରେ ୪୫ ପ୍ରତିଶତ, ରପ୍ତାନୀ କ୍ଷେତ୍ରରେ ଏହି ବିଭାଗର ସହଯୋଗ ୪୦ ପ୍ରତିଶତ ରହୁଛି। କୃଷି ପରେ ସର୍ବାଧିକ କର୍ମ ନିଯୁକ୍ତି ଅର୍ଥାତ୍ ଏହି ବିଭାଗ ଲୋକଙ୍କୁ ବଞ୍ଚିବାର ବାଟ ଦେଖାଉଥିବାବେଳେ ଦେଶରେ ୨୬ ମିଲିୟନରୁ ଅଧିକ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ରହିଛି। ଏହି ବିଭାଗର ଯୁକ୍ତି ହେଉଛି ସେମାନଙ୍କ ଉତ୍ପାଦିତ ସାମଗ୍ରୀର ୧୦ପ୍ରତିଶତ ସରକାର କ୍ରୟ କରିବା ସହ ସେମାନଙ୍କୁ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନରେ କୋହଳ ନୀତି ଅବଲମ୍ବନ କରାଗଲେ ଏହି ବିଭାଗ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କଗୁଡ଼ିକ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀଙ୍କୁ ସହଯୋଗ ବଢାଇ ଆଗେଇ ନେବାକୁ ପୂର୍ବରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ପ୍ରମୁଖ ଦେଇଥିବା ପରାମର୍ଶ କାର୍ଯ୍ୟକାରୀ ହେଉନାହିଁ। ଗ୍ରାମୀଣ ଏବଂ ଅର୍ଦ୍ଧ ସହର ଅଞ୍ଚଳରେ କର୍ମ ନିଯୁକ୍ତିର ବୃହତ ସୁଯୋଗ ସୃଷ୍ଟି କରିଥିବା ଏହି କ୍ଷେତ୍ର ପ୍ରତି ଅବହେଳା କରିବା ସମୀଚିନ ନୁହେଁ। ତେଣୁ ବ୍ୟାଙ୍କଗୁଡ଼ିକ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ଆର୍ଥିକ ସହାୟତାର ଭରପୂର ସୁଯୋଗ ଦେବା ଆବଶ୍ୟକ। ଦେଶର ଅଭିବୃଦ୍ଧିର ପ୍ରମୁଖ ଇଞ୍ଜିନ ଭାବେ ଏହି ବିଭାଗ ଦାୟିତ୍ୱ ତୁଲାଉଥିବାବେଳେ ବ୍ୟାଙ୍କଗୁଡ଼ିକ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଅର୍ଥନୀତି ଆହୁରି ଆଗକୁ ଯିବ ବୋଲି ଅର୍ଥନୀତିଜ୍ଞମାନେ କହୁଥିବାବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ଏହାକୁ ମାନୁ ନାହାନ୍ତି। ଦେଶର ଅଭିବୃଦ୍ଧି କିମ୍ବା ଫାଇଦାକୁ ଦୃଷ୍ଟିରେ ନ ରଖି ଅନେକ ସମୟରେ ବ୍ୟାଙ୍କଗୁଡ଼ିକ ସେମାନଙ୍କ ବ୍ୟବସାୟିକ ଅଭିବୃଦ୍ଧିକୁ କିପରି ଆଗେଇ ନେଇପାରିବେ ତା ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି। ବଡ଼ବଡ଼ ଶିଳ୍ପପତିଙ୍କୁ ବ୍ୟାଙ୍କ ଅଧିକାରୀମାନେ ନିଜ ଚ୍ୟାମ୍ବରରେ କଫି ପିଆଇ ସଙ୍ଗେ ସଙ୍ଗେ ବ୍ୟାଙ୍କ ଋଣ ମଞ୍ଜୁର କରୁଥିବାବେଳେ କ୍ଷୁଦ୍ର ଚାଷୀ ଏବଂ ଆତ୍ମ ନିର୍ଭରଶୀଳ ହେବା ପାଇଁ ଚାହୁଁଥିବା ବେକାର ଯୁବତୀଯୁବକଙ୍କୁ ବାରମ୍ବାର କାଗଜପତ୍ର, ପ୍ରମାଣପତ୍ର ଇତ୍ୟାଦିର ବିଭିନ୍ନ ବାହାନା ଦେଖାଇ ନିରାଶ କରାଯାଉଛି। ହତାଶ ହୋଇ ସେମାନେ ମହାଜନଙ୍କ ଉପରେ ନିର୍ଭର କରୁଛନ୍ତି। ଅତ୍ୟଧିକ ଋଣ ଭାର ସେମାନଙ୍କ ସ୍ୱପ୍ନରେ ବାଧକ ସାଜିଛି। ସେମାନଙ୍କ ସ୍ୱପ୍ନ ଭାଙ୍ଗିବା ଅର୍ଥ ଦେଶର ଅଭିବୃଦ୍ଧି ପ୍ରତିହତ ହେବା ସ୍ପଷ୍ଟ। ମାତ୍ର ଏହି କ୍ଷେତ୍ରକୁ ଯାଜପୁର ଜିଲାର ବ୍ୟାଙ୍କ କର୍ତ୍ତୃପକ୍ଷ ଗୁରୁତର ସହ ହୃଦବୋଧ କରିବା ମନେ ହେଉ ନାହିଁ। ତେଣୁ କୃଷି କ୍ଷେତ୍ର ହେଉ ଅବା ଲଘୁ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ହେଉ ଏହି ଦିଗ ପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ବିଶେଷ ଯତ୍ନଶୀଳ ହେବା ବର୍ତ୍ତମାନ ପରିସ୍ଥିତିରେ ଅତ୍ୟନ୍ତ ଜରୁରୀ। ଜିଲାରେ ପେପର ପ୍ଲେଟ, ଫ୍ଲାଏଆସ ଇଟାଭାଟି, ଫେବ୍ରିକେଶନ, ଆଲୁମିନିୟମ ୟୁଟେନସିଲ୍, ମସୁରୁମ ସିଡସ୍, ଏମ୍‌ଏସ୍ ଷ୍ଟିଲ ଫେବ୍ରିକେଶନ, ଟେଲରିଂ, ଅଗରବତୀ, ଫର୍ନିଚର, ଟେଣ୍ଟ ହାଉସ, ରେଡିମେଡ ଗାର୍ମେଟ ପ୍ରଭୃତି ଉଦ୍ୟୋଗୀ ଆଗ୍ରହ ପ୍ରକାଶ କରିଥିବାବେଳେ ଜିଲାର ବ୍ୟାଙ୍କଗୁଡିକ ନୀରବ ରହିଛନ୍ତି। ପୂର୍ବରୁ ୩୮ଟି ପ୍ରସ୍ତାବ ପଡି ରହିଥିବାବେଳେ ଅଗଷ୍ଟ ମାସରେ ୭ଟି ପ୍ରସ୍ତାବ ଦିଆଯାଇଥିଲା। ସେଥିରୁ ଗୋଟିଏ ବି ମଞ୍ଜୁର ହୋଇନାହିଁ କିମ୍ବା ବ୍ୟାଙ୍କ ପକ୍ଷରୁ ଆବଶ୍ୟକ ଯାଞ୍ଚ କରି ପଦକ୍ଷେପ ନିଆଯାଇ ନାହିଁ। ଏଥିପାଇଁ ଯାଜପୁର ଜିଲା ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ସମସ୍ତ ଆଇପିଓମାନଙ୍କୁ ସମ୍ପୃକ୍ତ ବ୍ୟାଙ୍କଗୁଡିକୁ ଗସ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଗୁରୁଦିବସ

ଧର୍ମଶାଳା,୫।୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରିୟନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଧର୍ମଶାଳା ବିଧାୟକ ତଥା ଉପମୁଖ୍ୟ ସଚେତକ ପ୍ରଣବ କୁମାର ବଳବନ୍ତରାୟ, ଡିଇଓ କୃଷ୍ଣ ଚନ୍ଦ୍ର ନାୟକ, ଫାଉଣ୍ଡେଶନ ଅଧ୍ୟକ୍ଷ ତଥା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସାରଥି ଜେନା, ଜଳଧର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ଧର୍ମଶାଳା ବିଇଓ ପ୍ରଫୁଲ୍ଲ କୁମାର ବେହେରା, ରସୁଲପୁର ବିଇଓ ଶାନ୍ତନୁ କର, ସୁକିନ୍ଦା ବିଇଓ ଗୟାଧର ନନ୍ଦ, ବରୀ ବିଇଓ ଅଭୟ ବେହେରା, ଦାନଗଦୀ ବିଇଓ ବଳରାମ ନାୟକଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ସଫଳ ଶିକ୍ଷାଦାନ ପାଇଁ ଧର୍ମଶାଳା ବାଣୀପୀଠ, ସିଦ୍ଧନାରାୟଣ ଉଚ୍ଚ ବିଦ୍ୟାଳୟ କ୍ଷେତ୍ରପାଳ ଓ ପଦ୍ମଚରଣ ଏକାଡେମୀ ମୋହନପୁର ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା ଅକ୍ଷୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରସୁଲପୁର ବିଇଓ ଶାନ୍ତନୁ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

## 'ରାଷ୍ଟ୍ର ଗଠନରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'




କାର୍ଯ୍ୟକ୍ରମରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସହ ଅନ୍ୟମାନେ।

ବିଞ୍ଝାରପୁର,୫।୯(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ବରୁଣେଶ୍ୱର କଲ୍ୟାଣ ମଣ୍ଡପଠାରେ ଗୁରୁବାର ବ୍ଲକ ସ୍ତରୀୟ ଗୁରୁଦିବସ ପାଳିତ ହୋଇଯାଇଛି। ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦ କିଶୋର ସାମଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶାସକ ଦଳ ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଆଗାମୀ ପିଢିଙ୍କ ପାଇଁ ଏକ ସୁସ୍ଥ ରାଷ୍ଟ୍ର ଗଠନ କରିବାରେ ଗୁରୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ପାରମ୍ପରିକ ଭାବରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ନିମନ୍ତ୍ରିତ ୨ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୂଜାର୍ଚ୍ଚନା କରି ଗୁରୁକୃପା ଭିକ୍ଷା କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ଅର୍ଣ୍ଣଦା ପ୍ରସାଦ ରଣା, ପ୍ରାଥମିକ ଶିକ୍ଷକ ସଂଘର ସଭାପତି

**ବ୍ଲକସ୍ତରୀୟ ଗୁରୁଦିବସ**

ରବି ନାରାୟଣ ମିଶ୍ର, ପୂର୍ବତନ ଏବିଇଓ ପ୍ରମୋଦ ସାମଲ, ପୂର୍ବତନ ଏସ୍ଆଇ ଶରତ ଚନ୍ଦ୍ର ପରିଡା, ବାସୁଦେବ ମିଶ୍ର, ରବୀନ୍ଦ୍ର କୁମାର ପରିଡା, ପୂର୍ବତନ ଜିଲା ପରିଷଦ ସଭ୍ୟା ସ୍ୱର୍ଣ୍ଣଲତା ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୫ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ରଞ୍ଜନ ଧଳ, ହେମେନ୍ଦ୍ର ସାମଲ, ପ୍ରଫୁଲ୍ଲ ନାୟକ, କାମଦେବ ଧଳ, ପର୍ଶୁରାମ କବି, ମାନଗୋବିନ୍ଦ ଧଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ଓ ଅରୁପମା ନାୟକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ରବୀନ୍ଦ୍ର କୁମାର ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ଗୁରୁଦିବସ ପାଳନ ହୋଇଯାଇଛି। ବରୁଣେଶ୍ୱର ମହାବିଦ୍ୟାଳୟ, ଯୁଣଭଦ୍ରା ମହାବିଦ୍ୟାଳ, ଖରସ୍ରୋତା ମହାବିଦ୍ୟାଳୟ, ବ୍ରଜସୁନ୍ଦର କଲେଜ, ଭଗବତୀ ସ୍କୁଲ ଅଫ ନର୍ସିଂ, ମାଁସଡାସ୍ଥିତ ପ୍ରମିଳା ଦେବୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରୁଣେଇଁ ନୋଡାଲ ଉପ୍ରା ବିଦ୍ୟାଳୟ, ରଥସାମଲ ନୋଡାଲ ବିଦ୍ୟାଳୟ ,କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ, ବରୁଣେଶ୍ୱର ଆଦର୍ଶ ଉପ୍ରା ବିଦ୍ୟାଳୟରେ ଗୁରୁଦିବସ ପାଳନ କରାଯାଇଛି।

## ଝାଟିଆଶାସନରେ ସରିଲା ଗଣେଶ ପୂଜା



ରସୁଲପୁର,୫।୯(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡଙ୍ଗସ୍ଥିତ ଝାଟିଆ ଗ୍ରାମରେ ଗତ ୪ଦିନ ଚାଲିଥିବା ଗଣେଶ ପୂଜା ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଆଜାଦ୍ କ୍ଲବ ପକ୍ଷରୁ ବିଭିନ୍ନ ଗ୍ରାମର କୁନି କୁନି ପ୍ରତିଭାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପ୍ରତ୍ୟହ ଗାଁ ମୁରବୀମାନଙ୍କ ଦ୍ୱାରା ଭାଗବତ ଚର୍ଚ୍ଚା, ପାରାୟଣ ଆଦି କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶକ୍ତିପ୍ରକାଶ ଦାଶ, ସ୍ୱପ୍ନେଶ୍ୱର ଦାଶ, ବିଶ୍ୱଭୂଷଣ ଦାଶ, ଶୁଭ୍ରଜିତ୍ ଦାଶ, ପ୍ରତିସ୍ ଦାଶ, ସୌମ୍ୟରଞ୍ଜନ ଦାଶ, ନୀତିଶ ନନ୍ଦ, ଅବିନାଶ ଦାଶ, ଦେବୀତୋଷ ଦାଶ, ଦେବାଶିଷ ଦାଶ, ସତ୍ୟଶିବ ସୁନ୍ଦର ଦାଶ, ସ୍ୱଦେଶରଞ୍ଜନ ଦାଶ, ସମିତଜ୍ଞ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## ଦ୍ୱିତୀୟ ଦିନରେ ଓଏମ୍‌ସି କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଚିଙ୍ଗୁଡ଼ିପାଳ




ମଞ୍ଚରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ଅନ୍ୟଅତିଥି।

କାଳିଆପାଣି,୫।୯(ଡି.ଏନ୍.ଏ.)

ଖଣି ନିଗମ କାଳିଆପାଣି ଟାଉନଶିପ କଲୋନୀ ପଡ଼ିଆରେ ଚାଲିଥିବା (ଓଡ଼ିଶା ଖଣି ନିଗମ) ଓଏମ୍‌ସି କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ଖଣି ପ୍ରଭାବିତ ୧୦ ପଞ୍ଚାୟତକୁ ନେଇ ଆୟୋଜିତ ପ୍ରତିଯୋଗିତା ଏକ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟଠାରୁ କମ୍ ନୁହେଁ ବୋଲି କହିଥିଲେ। କ୍ରୀଡ଼ାର ବିକାଶ ଓ ପ୍ରତିଭା ଅନ୍ୱେଷଣ ପାଇଁ ଓଡ଼ିଶା ଖଣି ନିଗମ, ସୌରିକ ଆଥଲେଟିକ ଆସୋସିଏଶନ, ଶ୍ରମିକ ସଂଗଠନର ଉଦ୍ୟମକୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଭାତ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଶ୍ରମିକ ସଂଗଠନ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଦ୍ୱତୀୟ ଦିନରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ନକ୍‌ଆଉଟ ମ୍ୟାଚ୍‌ରେ ରାଁସୋଳ ପଞ୍ଚାୟତ ଫୁଟବଲ ଦଳ କିଆଝର ଦଳକୁ (୨-୦) ଗୋଲ୍‌ରେ ପରାସ୍ତ କରିଥିବାବେଳେ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଦଳ କୁହିକା ପଞ୍ଚାୟତ ଦଳକୁ (୩-୦) ଗୋଲ୍‌ରେ ପରାସ୍ତ କରିଥିଲ। ସେହିପରି କାଳିଆପାଣି ପଞ୍ଚୟତ ଦଳ ପିମ୍ପୁଡ଼ିଆକୁ (୨-୦) ଗୋଲ୍‌ରେ ପରାସ୍ତ କରିଥିଲା। ଚିଙ୍ଗୁଡ଼ିପାଳ ଓ ରାଁସୋଳ ମଧ୍ୟରେ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଟାଇବ୍ରେକର ଜରିଆରେ ଚିଙ୍ଗୁଡ଼ିପାଳ ରାଁସୋଳକୁ (୩-୧) ଗୋଲ୍‌ରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଛି। ପ୍ରଭାକର ବେହେରା, ଉତ୍କଳମଣି ବେହେରା, ସ୍ୱପ୍ନେଶ୍ୱର କଅଁର ରେଫରି ଭାବେ ଖେଳ ପରିଚାଳନା କରିଥିଲେ।

## ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଗୁରୁ ଦିବସ

### 'ଦାୟିତ୍ୱସମ୍ପନ୍ନ ଛାତ୍ର ହିଁ ଦେଶର ସମ୍ବଳ'

ଯାଜପୁର ଟାଉନ,୫।୯(ଡିଏନଏ)

ଯାଜପୁରର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ସର୍ବଶିକ୍ଷା ଅଭିଯାନର ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଗୁରୁ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ରଞ୍ଜନ କୁମାର ଦାସ ଶିକ୍ଷା ଦାନ ହେଉଛି ଏକମାତ୍ର ବୃତ୍ତି, ଯେଉଁଥିରେ ଗୁରୁଙ୍କୁ ପୂଜା କରାଯାଏ ବୋଲି କହିଥିଲେ। ଦାୟିତ୍ୱ ସମ୍ପନ୍ନ ଛାତ୍ର ହିଁ ଦେଶ ବା ସମାଜର ବୃହତ ସମ୍ବଳ। ପିଲାଙ୍କ ମନରେ ସଂକଳ୍ପ ସମ୍ଭାବନା, ପ୍ରତିବଦ୍ଧତା ଓ ସଫଳତାକୁ ଗୁରୁ ଭରି ଦେବାକୁ ଜିଲାପାଳ ଦାସ ଆହ୍ୱାନ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଗୁରୁଙ୍କ ପ୍ରେରଣା ଓ ଅବଦାନ ସମ୍ପର୍କରେ କହିଥିଲେ। ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପଣ୍ଡିତ ଶିକ୍ଷକ ଭୂପତି ଭୂଷଣ ମିଶ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମହେଶ୍ୱର ଜେନା ସାମନ୍ତ, ଛତିଆ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାନସୀ ମିଶ୍ର ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅତିଥିଙ୍କୁ ଜିଲା ଶିକ୍ଷାଧିକାରୀ ଓ ଜିଲା ପ୍ରକଳ୍ପ ସଂଯୋଜକ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ଶିକ୍ଷା ଅଧିକାରୀ ଓ ପ୍ରକଳ୍ପ ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥି ସହିତ ଜିଲାପାଳଙ୍କ ରଚିତ ଓ ଦିନେଶ ମଲ୍ଲିକଙ୍କ ସଂଗୀତ ସଂଯୋଜନାରେ ପ୍ରସ୍ତୁତ ଶୁଭମ ମ୍ୟୁଜିକର ଗୁରୁ ବନ୍ଦନା ସିଡିକୁ ଲୋକାର୍ପଣ କରାଯାଇଥିଲା। ପ୍ରାରମ୍ଭରେ ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୁତାର ସମସ୍ତଙ୍କୁ ସ୍ୱାଗତ କରିବା ସହ ଗୁରୁ ଦିବସର ଆଭିମୁଖ୍ୟ ଓ ସିଡି ପ୍ରସ୍ତୁତିର ପରିକଳ୍ପନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି ସଂଯୋଜନା କରିଥିଲେ।

## ବିପଜ୍ଜନକ ସ୍ଥିତିରେ ୫୩ନଂ ଜାତୀୟ ରାଜପଥ

# ପ୍ରତିଶ୍ରୁତିରେ ସୀମିତ ମରାମତି କାର୍ଯ୍ୟ

ଚଣ୍ଡିଖୋଲ,୫।୯(ଡି.ଏନ.ଏ)

ଚଣ୍ଡିଖୋଲ-ଦୁବୁରୀ ୫୩ନଂ ଜାତୀୟ ରାଜପଥ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ପୁନଃ ନିର୍ମାଣ ଓ ମରାମତି ନ ହେବାରୁ ଏବେ ଏହି ରାସ୍ତା ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପ୍ରଶାସନ ତରଫରୁ ନିର୍ମାଣ ଆରମ୍ଭ କରିବାକୁ ବାରମ୍ବାର ପ୍ରତିଶ୍ରୁତି ଦେଇ ଚାଲିଥିଲେ ମଧ ତାହା ପାଣିର ଗାର ପାଲଟିଛି। ସବୁଠାରୁ ବ୍ୟସ୍ତ ବହୁଳ ଏହି ରାସ୍ତାର ଦୋହରୀକରଣ ପାଇଁ ଗତ ୯ବର୍ଷ ତଳୁ ଦୁଇ ଥର ଲେଖାଏ ଟେଣ୍ଡର ହୋଇ ପ୍ରାୟ ୭ଶହ କୋଟି ଟଙ୍କା ପଡ଼ି ରହିଛି। ହେଲେ କର୍ତ୍ତୃପକ୍ଷ ସେହି ଟଙ୍କାକୁ ବିନିଯୋଗ କରିବାରେ ସମର୍ଥ ହୋଇପାରୁ ନାହାନ୍ତି। ଇତି ମଧ୍ୟରେ ଅନ୍ତର୍ଜାତୀୟ ଠିକା ସଂସ୍ଥା ଆଇସୋଲେକ୍ସ କୋରିସନ କମ୍ପାନୀ ୪ଥାକିଆ ପ୍ରସସ୍ତୀକରଣ କାର୍ଯ୍ୟ ପାଇଁ ଠିକା ନେଇ କାର୍ଯ୍ୟ ଆରମ୍ଭର ଗୋଟିଏ ବର୍ଷ ପରେ ହଠାତ ଉଭାନ ହୋଇଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ପୁନଃ ଟେଣ୍ଡର କରାଯାଇ ଉକ୍ତ ରାସ୍ତାର ନିର୍ମାଣ ପାଇଁ ଗାମନ ଇଣ୍ଡିଆ ଲିମିଟେଡ କମ୍ପାନୀକୁ ନିଯୁକ୍ତ କରାଯାଇଥିଲେ ମଧ ବର୍ଷେ ହେବ ରାସ୍ତାର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଫଳରେ ୧୯୭୩ ମସିହାରୁ ନିର୍ମାଣ ହୋଇଥିବା ପୁରୁଣା ଜାତୀୟ ରାଜପଥ ଓ ଏହା ଉପରେ ଥିବା ବ୍ରାହ୍ମଣୀ ସେତୁ ଅତ୍ୟନ୍ତ ଦୁର୍ବଳ ହୋଇ ବିପଜ୍ଜନକ ଅବସ୍ଥାକୁ ଚାଲିଆସିଛି। ଯାହାକୁ ନେଇ ଦୀର୍ଘ ୫ବର୍ଷ ହେବ ଆନ୍ଦୋଳନ ଲାଗି ରହିଛି। ଆନ୍ଦୋଳନକୁ ଏଡ଼ାଇବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ବାରମ୍ବାର ମିଳିତ ବୈଠକ କରି ଖୁବ ଶୀଘ୍ର ରାସ୍ତାର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଶେଷ ଥର ପାଇଁ ଗତ ଜୁଲାଇ ୨୫ତାରିଖ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ମିଳିତ ବୈଠକରେ ଅଗଷ୍ଟ ୨୫ରେ ପୁରୁଣା ରାସ୍ତାର ସମ୍ପୂର୍ଣ୍ଣ ମରାମତି କରାଯିବା ସହ ନୂଆ ୪ଲେନ ରାସ୍ତା କାମ ଆରମ୍ଭ ହେବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏହି ସମୟ ସୀମା ପୂରି ଯାଇଥିଲେ ମଧ ଅଦ୍ୟାବଧି ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। କିମ୍ବା ପୁରୁଣା ରାସ୍ତାର ମରାମତି କାର୍ଯ୍ୟ କରାଯାଇପାରି ନାହିଁ। ଫଳରେ ଏହି ରାସ୍ତା ବର୍ଷା ଯୋଗୁ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇ ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଛି। ରାସ୍ତାର ଦୁରାବସ୍ଥା ପାଇଁ ଦୈନିକ ଦୁର୍ଘଟଣା ବୃଦ୍ଧି ପାଉଛି। ଦୀର୍ଘ ୩୮ କି.ମି. ଲମ୍ବ ଏହି ରାସ୍ତା ବିପଦସଂକୁଳ ହୋଇ ପଡ଼ିଥିଲାବେଳେ ଏହି ରାସ୍ତାଦେଇ ଯୋଡ଼ା ବଡ଼ବିଲ ଖଣି ଅଞ୍ଚଳରୁ ହଜାର ହଜାର ସଂଖ୍ୟାର ଭାରିଯାନ ପାରାଦୀପ ବନ୍ଦରକୁ ଯାତାୟାତ କରୁଛି। ଯଦ୍ୱାରା ଭୀଷଣ ଟ୍ରାଫିକ ଜାମ ଦୁର୍ଘଟଣା ବୃଦ୍ଧିର କାରଣ ହୋଇଛି। ଯଥାଶୀଘ୍ର ପୁରୁଣା ରାସ୍ତାର ମରାମତି ଓ ନୂଆ ରାସ୍ତା କାର୍ଯ୍ୟ ଆରମ୍ଭ ନ ହେଲେ ପରିସ୍ଥିତି ସଙ୍ଗୀନ ହୋଇପଡ଼ିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯାଜପୁର ଜିଲାପାଳଙ୍କୁ ପଚାରିବାରେ, ଏ ସମ୍ପର୍କରେ ସେ ଅବଗତ ଅଛନ୍ତି ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପତ୍ର ଦିଆଯାଇ ପ୍ରତିଶ୍ରୁତି ମୁତାବକ ଯଥାଶୀଘ୍ର ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଥିଲେ।



## ସଂକ୍ଷେପରେ

### ପୋଲିସ ଗାଡ଼ି ଉପରେ ଆକ୍ରମଣ, ୪ ଆହତ

**ଆଳି, ୫।୯ (ଡି.ଏନ୍.ଏ.):** ଆଳି ବ୍ଲକ ଅଧୀନ ନିଆଳ-ଗୌଡ଼ପାଟଣା ରାସ୍ତାରେ ପାଟ୍ରୋଲିଂ କରୁଥିବା ପୋଲିସ୍ ଗାଡ଼ିକୁ ସ୍ଥାନୀୟ କେତେଜଣ ଯୁବକ କୋଦାଳ ବେଣ୍ଟରେ ଆକ୍ରମଣ କରିଥିବା ଜଣାପଡ଼ିଛି। ଏହି ସମୟରେ ଗାଡ଼ିରେ ଥିବା ୪ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଆହତମାନେ ହେଲେ ଏଏସ୍ଆଇ ଭଗବାନ ମାଝି, ଡ୍ରାଇଭର ବିଭୂତି ପ୍ରଧାନ, ହାବିଲଦାର ଧୀରେନ୍ଦ୍ର କୁମାର ସାହୁ, କନଷ୍ଟେବଳ ବି.ଏନ୍. ଭଦ୍ରା ଏବଂ କନଷ୍ଟେବଳ ରାଜକିଶୋର ମଳିକ। ଏହି ଆକ୍ରମଣରେ ଗାଡ଼ିର ଆଗ କାଚ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଆକ୍ରମଣକାରୀଙ୍କୁ ଧରିପାରି ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗଣେଶ ପୂଜା ଦିନ ଗଉଡପାଟଣା ଓ ମୂଳସାହି ଗ୍ରାମର ଯୁବକଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏହାପରେ ଗଣେଶ ପୂଜା ମଣ୍ଡପ ନିକଟରେ ଡିଜେ ନ ବଜାଇବାକୁ କଟକଣା ଜାରି କରିଥିବା ବେଳେ ଗୁରୁବାର ପୂର୍ବାହ୍ନରେ ଗୋଟିଏ ଡିଜେ ମେଶିନକୁ ଜବତ କରିଥିଲା। ଏହି ଘଟଣାକୁ ନେଇ ପୋଲିସ ଗାଡ଼ିକୁ ଆକ୍ରମଣ କରାଯାଇଥାଇ ପାରେ ବୋଲି ଆଲୋଚନା ହେଉଛି।

### 'ସାମାଜିକ ବ୍ୟାଧିର ମହୌଷଧି ହେଉଛି ଶିକ୍ଷା'

**କେନ୍ଦ୍ରାପଡା ଅଫିସ, ୫।୯:** ସାମାଜିକ ବ୍ୟାଧିର ମହୌଷଧି ହେଉଛି ଶିକ୍ଷା। ଶିକ୍ଷା ଦ୍ୱାରା ସମାଜରୁ କୁସଂସ୍କାର, ଅନ୍ଧବିଶ୍ୱାସ, ଦାରିଦ୍ର୍ୟ ଆଦି ଦୂର କରିହେବ। ସହରର ଜଇପୁରାସ୍ଥିତ ଅଙ୍କୁର ଶିକ୍ଷା ନିକେତନରେ ଗୁରୁବାର ଗୁରୁ ଦିବସ ପାଳନ ଅବସରରେ ଉପରୋକ୍ତ ମତପ୍ରକାଶ ପାଇଛି। ଏଥିରେ ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ଅମର ପ୍ରସାଦ ସିଂହ ଯୋଗଦେଇ କହିଥିଲେ ଯେ, ସାମାଜିକ ବ୍ୟାଧି ଦୂର କରିବା ପାଇଁ ମୂଲ୍ୟଭିତ୍ତିକ ଶିକ୍ଷା ଓ ଚରିତ୍ର ନିର୍ମାଣକାରୀ ଶିକ୍ଷାର ଆବଶ୍ୟକତା ଜରୁରୀ। ଯଦି କେବଳ ଅର୍ଥ ଉପାର୍ଜନ ଶିକ୍ଷାର ସ୍ୱରୂପ ହୁଏ, ତେବେ ଦେଶବାସୀ ଆଦର୍ଶ, ବିଜ୍ଞାନଭିତ୍ତିକ ହୋଇପାରିବେ ନାହିଁ। ଫଳରେ ଦେଶର ବିଭିନ୍ନ ସମସ୍ୟାର ସମାଧାନ କଷ୍ଟକର ହେବ। ଏହି ମୂଲ୍ୟବୋଧକୁ ଗୁରୁ ଆଦର୍ଶ କରିବା ଉଚିତ ବୋଲି ସମ୍ମାନିତ ଅତିଥି ସିଂହ କହିଥିଲେ। ଶିକ୍ଷକ ଗଣେଶ୍ୱର ସାହୁ, ରାଜେନ୍ଦ୍ର ସାହୁ, କିରଣମୟୀ ସିଂହ, ରାଜଶ୍ରୀ ସାମଲ, ସତ୍ୟରଞ୍ଜନ ସାହୁ, ପ୍ରଭାକର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡ. ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଛାତ୍ରୀଛାତ୍ରମାନେ ଗୁରୁମାନଙ୍କୁ ଧୂପ, ଦୀପ, ଫୁଲ ଚନ୍ଦନ ଆଦି ଦେଇ ପୂଜା କରିଥିଲେ। ଏହି ଅବସରରେ ଶିକ୍ଷକମାନେ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ।

### ମାନସିକ ଭିନ୍ନକ୍ଷମ ଯୁବତୀ ଗର୍ଭବତୀ, ଥାନାରେ ମାମଲା

**କେନ୍ଦ୍ରାପଡା ଅଫିସ, ୫।୯**
ସଦର ଥାନା ଅଞ୍ଚଳର ଜନୈକା ମାନସିକ ଭିନ୍ନକ୍ଷମ ଯୁବତୀ ଗର୍ଭବତୀ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ଯୁବକ ଫେରାର ହୋଇଯାଇଛନ୍ତି। ଏ ନେଇ ପୀଡିତାଙ୍କ ପରିବାର ପକ୍ଷରୁ ଗୁରୁବାର ଥାନାରେ ଏତଲା ଦିଆଯାଇଛି। ଅଭିଯୋଗକୁ ଭିତ୍ତିକରି ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ମହେଶ୍ୱର ସେଠୀ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଏହି ପୀଡିତା ଯୁବତୀଙ୍କ ଘର ପାଖ ଗ୍ରାମର ଜନୈକ ଯୁବକ ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ସେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ଯୁବତୀ ୬ ମାସର ଗର୍ଭବତୀ ଥିବା ଜଣାପଡ଼ିବା ପରେ ସମ୍ପୃକ୍ତ ଯୁବକଙ୍କୁ ଏ ସମ୍ପର୍କରେ ପଚରା ଯାଇଥିଲା। ମାତ୍ର ସେ ଏହାକୁ ଅସ୍ୱୀକାର କରିବା ସହ ଯୁବତୀଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଇଛନ୍ତି। ଏହାପରେ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୀଡିତାଙ୍କ ବାପା କୁହନ୍ତି, ସମ୍ପୃକ୍ତ ଯୁବକ ସଦର ଥାନାର ଜଣେ କର୍ମଚାରୀଙ୍କ ସମ୍ପର୍କୀୟ ହୋଇଥିବାରୁ ମାମଲାକୁ ଚପାଇ ଦେବାକୁ ଚେଷ୍ଟା ଚାଲିଛି। ଯୁବକ ଜଣକ ଘରେ ଥିଲେ ମଧ ସେ ଫେରାର ଥିବା ପୋଲିସ କହୁଛି।

## ■ ସହିରା ପଞ୍ଚାୟତରେ ଆବାସ ଯୋଜନା ବଣ୍ଟନରେ ଦୁର୍ନୀତି ଅଭିଯୋଗ

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ନିଲମ୍ବିତ

**କେନ୍ଦ୍ରାପଡା ଅଫିସ/ଆଳି (ଡି.ଏନ୍.ଏ.), ୫।୯**


ସହିରା ପଞ୍ଚାୟତରେ ଜିଲାପାଳ ସମର୍ଥ ବର୍ମା ତଦନ୍ତ କରୁଛନ୍ତି।

ପଞ୍ଚାୟତ କାର୍ଯ୍ୟରେ ଅନିୟମିତା କରିଥିବା ଦର୍ଶାଇ ଆଳି ବ୍ଲକ ସହିରା ପଞ୍ଚାୟତ ନିର୍ବାହୀ ଅଧିକାରୀ ବାସୁଦେବ ବେହେରାଙ୍କୁ ଜିଲାପାଳ ସମର୍ଥ ବର୍ମା ଗୁରୁବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏଥିସହିତ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନୋଟିସ ଦେଇଛନ୍ତି। ପୂର୍ବାହ୍ନରେ ଜିଲାପାଳ ସହିରା ପଞ୍ଚାୟତରେ ପହଞ୍ଚି ଅଭିଯୋଗକାରୀଙ୍କ ସହ ଆଲୋଚନା କରିବା ପରେ ସହିରା ଓ ଦହିଅଣ୍ଟାରେ ପ୍ରତି ଘରକୁ ଯାଇ ତଦନ୍ତ କରିଥିଲେ। ଏହାପରେ ଅଭିଯୋଗର ସତ୍ୟତା ସମ୍ପର୍କରେ ଜଣାପଡ଼ିଥିଲା। ତଦନ୍ତ ସମୟରେ ଜିଲାପାଳଙ୍କ ସହ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ ପରିଡା, ବିଡିଓ ତଥା ତହସିଲଦାର ଜୟନ୍ତ ପୃଷ୍ଟି, ସହକାରୀ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ତଦନ୍ତ ଶେଷ ହେବା ପରେ ଜିଲାପାଳ ବର୍ମା ତହସିଲଦାର ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ଫେରି ଯାଇଥିଲେ। ତେବେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିଲମ୍ବିତ କରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧୪ ତାରିଖରେ ଆଳି ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସହିରା ପଞ୍ଚାୟତବାସୀ ଉକ୍ତ ଦୁର୍ନୀତି ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଅଭିଯୋଗ ଅନୁସାରେ, ସହିରା ପଞ୍ଚାୟତରେ ପ୍ରକାଶ ପାଇଥିବା ଆବାସ ଯୋଜନା ହିତାଧିକାରୀ ତାଲିକାରେ ପ୍ରାୟ ୩୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ତେବେ ପଞ୍ଚାୟତବାସୀଙ୍କ ଅଭିଯୋଗକ୍ରମେ ଗୁରୁବାର ଜିଲାପାଳ ସହିରାଠାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ।

## ରାସ୍ତା ମରାମତି ଦାବି କଲେ ଛାତ୍ରୀଛାତ୍ର


ଜିଲାପାଳଙ୍କ ଅଫିସ ଆଗରେ ଛାତ୍ରୀଛାତ୍ର।

**କେନ୍ଦ୍ରାପଡା ଅଫିସ, ୫।୯**
ମହାକାଳପଡ଼ା ବ୍ଲକ ସାହାବାଜପୁର-ବିଜୟନଗର ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ମରାମତି ପାଇଁ ସ୍ଥାନୀୟ ବାୟାବାବା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଜିଲାପାଳଙ୍କୁ ଗୁରୁବାର ଭେଟିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଛାତ୍ରୀ କାମିନୀ ସେଠୀ କୁହନ୍ତି, ଏହି ରାସ୍ତା ଗମନାଗମନ ଉପଯୋଗୀ ହୋଇ ନ ଥିବାରୁ ପ୍ରାୟ ୬ କି.ମି. ଚାଲି ଚାଲି କଲେଜକୁ ଯିବାକୁ ପଡୁଛି। ଏହି ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ଯୋଗୁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ବିଜୟନଗର ଗ୍ରାମବାସୀଙ୍କ ସମେତ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ନିବେଦନ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଛାତ୍ର ଓମ୍ ପ୍ରକାଶ ସେଠୀ, ଛାତ୍ରୀ ଭାନୁପ୍ରିୟା ସାହୁ, ଚିନ୍ମୁଲତା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲାପାଳ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ରାଧାକ୍ରିଷ୍ଣନ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପଦେଶ

**ରାଜକନିକା, ୫।୯ (ଡି.ଏନ୍.ଏ.)**
ରାଜକନିକା ବ୍ଲକ ଅଧୀନ ହାଟସାହି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଗୁରୁ ଦିବସ ପାଳିତ ହୋଇଥିଲା। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ବିକ୍ରମ ଦାଶଙ୍କ ପୋରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷକ ନିରଞ୍ଜନ ବେହେରା, ମିତାରାଣି ରାଉତ, ଅମ୍ବରୀଶ ଦାସ, କୃଷ୍ଣଚନ୍ଦ୍ର ଥାଟୋଇ, ପ୍ରଫୁଲ୍ଲ ଚନ୍ଦ୍ର ସୂତାର ଓ ଜିତେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ଜାତିର ସେବା କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷକମାନେ ଉପଦେଶ ଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ରମାନେ ଗୁରୁ ବନ୍ଦନା କରିବା ସହ ଫୁଲ, ଚନ୍ଦନ, ଧୂପ ଦେଇ ଗୁରୁପୂଜା କରିଥିଲେ।

ସେହିପରି ସିହୋପଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ପ୍ରେମବାଳା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁ ଦିବସ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ରବି ମିଶ୍ର, କ୍ଷୀରୋଦ କୁମାର ଦାସ, ସସ୍ମିତା ବେହେରା, କଳିକା ଜ୍ୟୋତି ସମୀକ୍ଷା ପଲାଇ ଓ ପ୍ରିୟଙ୍କା ନାୟକ ପ୍ରମୁଖ ଯୋଗଦେଇ ଡା. ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ସେହିପରି ପଧାନପଡ଼ା ମା' କୁଞ୍ଜକାଳିକା ଉଚ୍ଚ ବିଦ୍ୟାଳୟ, ଭାମଣ୍ଡା ନୃସିଂହନାଥ ନୋଡାଲ ଉଚ୍ଚବିଦ୍ୟାଳୟ, କଣ୍ଡିଆହାଟ ବି.ପି ହାଇସ୍କୁଲ, ପଣସଗଣ୍ଡ ଉତ୍କଳମଣି ଉଚ୍ଚ ବିଦ୍ୟାଳୟ, ନମତରା ହାଇସ୍କୁଲ, ହାବଳଗଣ୍ଡ ବି.କେ.ବି ହାଇସ୍କୁଲ, ପେଗରପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଦେଉଳତରା ଶିଶୁ ମନ୍ଦିରରେ ଗୁରୁଦିବସ ପାଳିତ ହାଇଥିଲା।

## ମେହେନ୍ଦିନଗର ସରପଞ୍ଚ ପଦ କାଏମ

**କେନ୍ଦ୍ରାପଡା ଅଫିସ, ୫।୯**
କେନ୍ଦ୍ରାପଡ଼ା ଜିଲା ଜଜ୍ ବାସୁଦବ ପଣ୍ଡାଙ୍କ ଇଜଲାସରେ ଏକ ନିର୍ବାଚନୀ ଅପିଲ ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଏହି ରାୟରେ ମେହେନ୍ଦିନଗରର ରବୀନ୍ଦ୍ରନାଥ ପଣ୍ଡାଙ୍କ ସରପଞ୍ଚ ପଦ କାଏମ ରଖାଯାଇଛି। ଗତ ମେ ୫ରେ ହୋଇଥିବା ଏହି ଅପିଲ ମାମଲା (ଇଲେକ୍ସନ ମିସ୍ କେସ ନଂ.-୩/୧୯) ଅନୁଯାୟୀ, ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରବୀନ୍ଦ୍ର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତେବେ ରବୀନ୍ଦ୍ର ପଞ୍ଚାୟତ ଦେୟ ଦେଇ ନ ଥିବା ଓ ନାବାଳକ ହୋଇଥିବା ଦର୍ଶାଇ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଭରତଚନ୍ଦ୍ର ଲେଙ୍କା ସିଭିଲ ଜଜ୍ କୋର୍ଟରେ ତାଙ୍କ ନାମରେ ମାମଲା ଦାଏର କରିଥିଲେ। ଏହି ମାମଲାକୁ ଗତ ମେ ୪ ତାରିଖରେ ତତ୍କାଳୀନ ସିଭିଲ ଜଜ୍ ଶୁଣାଣି କରି ସରପଞ୍ଚଙ୍କ ପଦ ରଦ୍ଦ କରିଦେଇଥିଲେ। ତେବେ ରବୀନ୍ଦ୍ର ଏ ନେଇ ଜିଲା ଜଜ୍ କୋର୍ଟରେ ମାମଲା କରିଥିଲେ ବୋଲି ଏପିପି ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି।

## ■ ସମୁଦ୍ର ମଝିରେ ବୁଡ଼ିଲା ଡଙ୍ଗା

# ଦେଢ଼ ଘଣ୍ଟା ପରେ ୬ ମତ୍ସ୍ୟଜୀବୀ ଉଦ୍ଧାର

**ମହାକାଳପଡ଼ା, ୫।୯ (ଡି.ଏନ୍.ଏ.)**


ଉଦ୍ଧାର ବୋଟ୍ ମାଲିକ ଓ ମତ୍ସ୍ୟଜୀବୀମାନେ।

ମାଛ ଧରିବାକୁ ଯାଇଥିବା ଏକ ବୋଟ୍ ବୁଧବାର ରାତିରେ ସମୁଦ୍ର ମଝିରେ ବୁଡ଼ିଯାଇଥିବା ଜଣାପଡ଼ିଛି। ଏହି ବୋଟ୍‌ରେ ଥିବା ୬ ମତ୍ସ୍ୟଜୀବୀଙ୍କୁ ଅନ୍ୟ ଏକ ବୋଟ୍ ସାହାଯ୍ୟରେ ଦେଢ଼ଘଣ୍ଟା ପରେ ଉଦ୍ଧାର କରାଯାଇଛି। ସେମାନେ ହେଲେ ମହାକାଳପଡ଼ା ବ୍ଲକ ଖରିନାସୀ ଜେଠିପଡ଼ାର ଲବ ବର୍ମନ(୪୫) ଓ କୋଲକାତାର ଗୋବିନ୍ଦ ସିକଦାର(୩୩), ସନାତନ ସର୍ଦ୍ଦାର(୫୨), ସନାଇ ପାହାଡ଼ିଆ(୫୬), ଗଣେଶ ପାହାଡ଼ିଆ (୪୩) ଏବଂ ମନୀନ୍ଦ୍ର ବାଲା(୬୨)।

ପ୍ରକାଶ ଯେ, ମତ୍ସ୍ୟଜୀବୀମାନେ ଦୁଇ ଦିନ ପୂର୍ବରୁ ମା' ରାମଚଣ୍ଡୀ-୧ ବୋଟରେ ମାଛ ଧରିବାକୁ ସମୁଦ୍ର ଭିତରକୁ ଯାଇଥିଲେ। ବୁଧବାର ରାତି ୩ଟା ବେଳେ ମାଛ ଧରିବାକୁ ଉଠିବା ବେଳେ ବୋଟ୍‌ରେ ପାଣି ପଶୁଥିବା ସେମାନେ ଦେଖିଥିଲେ। ତେବେ ବୋଟ୍‌ରୁ ପାଣି କାଢ଼ିବାକୁ ଉଦ୍ୟମ କରିବା ସହ ସେମାନେ ଏ ସମ୍ପର୍କରେ ମତ୍ସ୍ୟଜୀବୀ ସଂଘ ସଦସ୍ୟଙ୍କୁ ୱେୟାର ଲେସ୍ ଓ ଜିପିଏସ୍ ସାହାଯ୍ୟରେ ଜଣାଇଥିଲେ। କିଛି ସମୟ ପରେ ବୋଟ୍‌ଟି ବୁଡ଼ି ଯିବା ଯୋଗୁ ମତ୍ସ୍ୟଜୀବୀମାନେ କିରୋସିନ୍ ଜାର ଧରି ପହଁରି ଜୀବନ ବଞ୍ଚାଇଥିଲେ। ଭୋର ପ୍ରାୟ ୫ଟା ବେଳକୁ ଜୟଶ୍ରୀ ନାମକ ଆଉ ଏକ ମାଛଧରା ବୋଟ୍ ସେଠାରେ ପହଞ୍ଚି ମତ୍ସ୍ୟଜୀବୀମାନଙ୍କୁ ଉଦ୍ଧାର କରିଥିଲା। ତେବେ ଗଭୀର ସମୁଦ୍ରରେ ବୋଟ୍ ବୁଡ଼ି ଯାଇଥିବାରୁ ବୋଟକୁ ଉଦ୍ଧାର କରାଯାଇପାରି ନ ଥିବା ବୋଟ୍ ମାଲିକ ଲବ ବର୍ମନ କହିଛନ୍ତି।

## ■ ଅନ୍ତର୍ଜାତୀୟ ଟାଏକୋଣ୍ଡା ପ୍ରତିଯୋଗିତା

# ରୌପ୍ୟ ବିଜୟିନୀ ସଦ୍ୟସ୍ମିତାଙ୍କୁ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ,୫।୯ (ସ୍ୱ.ପ୍ର)**


ସଦ୍ୟସ୍ମିତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପଟ୍ଟାମୁଣ୍ଡାଇ ବ୍ଲକ ମଦନପୁର ମହାବୀର ମଧ ଇଂରାଜି ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ସଦ୍ୟସ୍ମିତା ଦିଲ୍ଲୀଠାରେ ଆୟୋଜିତ ଅନ୍ତର୍ଜାତୀୟ ଜୁନିୟର ଟାଏକୋଣ୍ଡା ଚାମ୍ପିୟନଶିପ୍‌ରେ ବିଜୟିନୀ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି । ସଦ୍ୟସ୍ମିତା ହେଉଛନ୍ତି ରାଜନଗର ବ୍ଲକ ବନ୍ଧପଡା ଗ୍ରାମର ପ୍ରତାପ କୁମାର ନାୟକଙ୍କ ଝିଅ । ଏହି ସଫଳତା ପାଇଁ ସେ ଅଧ୍ୟୟନ କରୁଥିବା ବିଦ୍ୟାଳୟ ପକ୍ଷରୁ ଗୁରୁବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ମଳୟ କୁମାର ଜେନା ଅଧ୍ୟକ୍ଷତା କରିଥିଲେ । ସଭାରେ ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀ ଭ୍ରମରବର ବିଶ୍ୱାଳ ଯୋଗଦେଇ ସଦ୍ୟସ୍ମିତା ତାଙ୍କ ସଫଳତା ବଜାୟ ରଖି ଅଧିକ ପରିଶ୍ରମ ଓ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଏହି ସଭାରେ ପ୍ରଧାନ ଶିକ୍ଷକ ରତ୍ନାକର ନାୟକ ,ସିଆରସିସି ତ୍ରିଲୋଚନ ସ୍ୱାଇଁ, ଅନ୍ତର୍ଯ୍ୟାମୀ ବେଜ, ବିଦ୍ୟାଭୂଷଣ ଦାସ,ମମତା ଖଣ୍ଡୁଆଳ ,ପ୍ରହ୍ଲାଦ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଶେଷରେ ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ବେହେରା ଧନ୍ୟବାଦ ଦେଇଥିଲେ ।

## ଗୁରୁ ଦିବସ, ସମ୍ବର୍ଦ୍ଧନା ଉତ୍ସବ

**ଡେରାବିଶ, ୫।୯ (ସ୍ୱ.ପ୍ର.)**
ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅଧୀନ ମୁଣ୍ଡାଳୋସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆନୁକୂଲ୍ୟରେ ଗୁରୁବାର ଗୁରୁ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରତ୍ନାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ନାୟକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ରାଉତ, ଅବସରପ୍ରାପ୍ତ ଶିକ୍ଷକ ବାବାଜୀ ଚରଣ ଦାସ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଭୁବନେଶ୍ୱରସ୍ଥିତ ବିଭୂତି କାନୁନ୍‌ଗୋ ଚାରୁକଳା ମହାବିଦ୍ୟାଳୟର ଛାତ୍ର ତଥା ଡେରାବିଶ ଅଞ୍ଚଳର ସ୍ୱାଧୀନ ମଲ୍ଲିକଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ଜେନା ସମ୍ବର୍ଦ୍ଧିତ କରିଥିଲେ।

## ଜାଗୁଲାଇ ବିଦ୍ୟାପୀଠରେ ଚକ୍ଷୁ ଚିକିତ୍ସା ଶିବିର

**କେନ୍ଦ୍ରାପଡା ଅଫିସ, ୫।୯**
କେନ୍ଦ୍ରାପଡା ବ୍ଲକ ଚକ୍ରୋଡା ପଞ୍ଚାୟତ ତରାପୁରସ୍ଥିତ ଜାଗୁଲାଇ ବିଦ୍ୟାପୀଠ ପରିସରରେ ମୋ ସ୍କୁଲ ଅଭିଯାନ କମିଟି ପକ୍ଷରୁ ଗୁରୁପୂଜନ ସହିତ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ରାଜେଶ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ବାସୁଦେବ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ଡା. ପୁରୁଷୋତ୍ତମ ସାହୁ, ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ମଣ୍ଡଳ, ବାନାମ୍ବର ସାହୁ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଭାରତୀୟ ସଂସ୍କୃତିରେ ଗୁରୁ ପରମ୍ପରାର ମୂଲ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚରଣ ନାୟକ, ଶିକ୍ଷୟିତ୍ରୀ ଦମୟନ୍ତୀ ଆଚାର୍ଯ୍ୟ, ଭାଗିରଥୀ ଜେନା, ପୁରାତନ ଛାତ୍ର ରମାକାନ୍ତ ମହାନ୍ତି, ସରୋଜକାନ୍ତ ସାହୁ, ସୁଶାନ୍ତ ବାରିକ, ବିଶ୍ୱବିଜୟ ଭଦ୍ର, ରତିକାନ୍ତ ସାମଲ ସଭାରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍କୁଲ ପରିସରରେ କଟକ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ଡାକ୍ତରଙ୍କ ଦ୍ୱାରା ୧୩୭ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୭ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ଏଥିସହିତ କଟକ ବଡ ଡାକ୍ତରଖାନାର ଅସ୍ଥିଶଲ୍ୟ ବିଭାଗ ଡାକ୍ତରଙ୍କ ଦ୍ୱାରା ୬୦ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଶିକ୍ଷକ ଶଶୀକାନ୍ତ ବେହେରା, ଗଣେଶ୍ୱର ସାହୁ, ଦେବେନ୍ଦ୍ର ନାୟକ, ବୀରକିଶୋର ଦାସ, ଶିକ୍ଷୟିତ୍ରୀ ନିବେଦିତା ମହାନ୍ତି, ସ୍କୁଲର ସମସ୍ତ ପୁରାତନ ଓ ବର୍ତ୍ତମାନର ଛାତୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ବ୍ଲକକୁ ଦୌଡ଼ି ଦୌଡ଼ି ନୟାନ୍ତ

# ଆବାସ ଯୋଜନାରେ ଘର ଖଣ୍ଡେ ମିଳୁନି

**ଡେରାବିଶ, ୫।୯ (ସ୍ୱ.ପ୍ର.)**
ସମସ୍ତ କଚ୍ଚା ଘର ଭାଙ୍ଗି ପକ୍କା ଘର ନିର୍ମାଣ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ଇନ୍ଦିରା ଆବାସ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଅନେକ ସ୍ଥାନରେ ଯୋଗ୍ୟ ହିତାଧିକାରୀ ଏହାର ସୁଫଳ ପାଇପାରୁନାହାନ୍ତି। ଘର ଖଣ୍ଡେ ପାଇଁ ବାରମ୍ବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ଦୌଡ଼ିବା ପରେ ହିତାଧିକାରୀ ବାଧ ହୋଇ ସେହି ଭଙ୍ଗା ଘରେ ଆଶ୍ରୟ ନେଉଛନ୍ତି। ଏଭଳି ଏକ ଘଟଣା ନଜରକୁ ଆସିଛି ଡେରାବିଶ ବ୍ଲକ ଅଧୀନ ପଲେଇ ପଞ୍ଚାୟତର ପଲେଇ ଗ୍ରାମରେ। ଉକ୍ତ ଗ୍ରାମର ସ୍ୱର୍ଗତ ଗୋବିନ୍ଦ ନାଥଙ୍କ ସ୍ତ୍ରୀ ରେବତୀ (୬୮)ଙ୍କର ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଘର ନ ଥିବାରୁ ସେ ଏକ ଭଙ୍ଗା ଚାଳିରେ ରହୁଛନ୍ତି। ରେବତୀ କୁହନ୍ତି, ଚାଳ ଛପର କରିବା ପାଇଁ ଅର୍ଥ ନ ଥିବାରୁ ବିଭିନ୍ନ ସ୍ଥାନରେ ପାଣି ଗଳୁଛି। ଘର ଭିତରେ ଦିନରେ ସୂର୍ଯ୍ୟ ଆଉ ରାତିରେ ଜହ୍ନ ଦେଖାଯାଉଛି। ଘର ଖଣ୍ଡେ ପାଇଁ ବହୁଥର ପଞ୍ଚାୟତ ଅଫିସ୍ ଓ ବ୍ଲକ କାର୍ଯ୍ୟାଳକୁ ଯିବା ପରେ ବି କେହି ସହଯୋଗ କରୁନାହାନ୍ତି। ଆଉ ଦୌଡ଼ିବାକୁ ବଳ ନାହିଁ। ରାତି ହେଲେ କାହା ପିଣ୍ଡାରେ ଶୋଇପଡୁଛି। ସ୍ୱାମୀଙ୍କ ମୃତ୍ୟୁକୁ ବର୍ଷେ ପୂରିଥିଲେ ବି ଆଜିଯାଏ ହରିଶ୍ଚନ୍ଦ୍ର ଯୋଜନାରେ ଟଙ୍କା ମିଳି ନ ଥିବା ରେବତୀ କହିଛନ୍ତି।

## ଫଟୋରେ ଖବର


ମାର୍ଶାଘାଇ ଗଣପତି ଛକ ପୂଜା ମଣ୍ଡପ।


ମାର୍ଶାଘାଇ ବାଘଡିଆ ପ୍ରାଥମିକ ବିଦ୍ୟାଳୟ ନିକଟରେ ପୂଜା ପାଉଥିବା ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୬/୨୦୧୯ Bhubaneswar, Friday, September 6/2019

### ଏରସମା ଥାନା ପୋଡ଼ି ଦିବସ ଆଜି

# ଗୁଳି ବନ୍ଧୁକକୁ ନ ଥିଲା ଡର

ଏରସମା,୫।୯(ସ୍ୱ.ପ୍ର.)

ମୁଠାଏ ଲୁଣ ଓ ସ୍ୱାଧୀନ ଦେଶର ଲକ୍ଷ୍ୟ ନେଇ ଯେତେବେଳେ ସମଗ୍ର ଭାରତବାସୀ ଏକତ୍ରିତ ହୋଇଥିଲେ, ସେତେବେଳେ ହିମାଳୟଠାରୁ କୁମାରିକା ଯାଏ ଜଳୁଥିଲା ବିପ୍ଲବର ବହ୍ନି। ଏଭଳି ଏକ ପ୍ରଜ୍ୱଳିତ ବହ୍ନିରେ ଜଗତ୍‌ସିଂହପୁର ଜିଲାର ଏରସମା ଭଳି ଏକ ଉପାନ୍ତ ବଣଜଙ୍ଗଲ ଘେରା ଅଞ୍ଚଳ ସାମିଲ ହେବା କିଛି କମ୍ ଗୌରବର କଥା ନୁହେଁ। ୧୯୪୨ ଅଗଷ୍ଟ ବିପ୍ଲବ ପରେ ମାହାତ୍ମା ଗାନ୍ଧୀ, ପଣ୍ଡିତ ଜବାହାରଲାଲ ନେହେରୁ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପ୍ରମୁଖ ନେତୃବୃନ୍ଦଙ୍କୁ ବ୍ରିଟିଶ ଫୌଜ କାରାରୁଦ୍ଧ କଲା। ଗାନ୍ଧିଜୀଙ୍କ କର ବା ମର ଡାକରାରେ ଗ୍ରାମାଞ୍ଚଳରୁ ହିଁ ଆନ୍ଦୋଳନ ତୀବ୍ର ରୂପ ଧାରଣ କଲା। ଏହାକୁ ଦମନ କରିବା ପାଇଁ ନୃଶଂସ ବ୍ରିଟିଶ ବାହିନୀ ଆକାଶ ମାର୍ଗରୁ ଗୁଳି ବର୍ଷା କଲେ। କିନ୍ତୁ ମୁକ୍ତି ସଂଗ୍ରାମର ନିଶାରେ ଆତ୍ମବିଭୋର ଏରସମାର ସଂଗ୍ରାମୀଙ୍କର ଏଥିପ୍ରତି ଭୟ ନ ଥିଲା। ଛାତ୍ରନେତା ଗୌରୀଶ୍ୟାମ ନାୟକଙ୍କ ଦ୍ୱାରା ଜନ୍ମ ନେଲା ଶାନ୍ତି ସେବକ ସମିତି ନାମକ ଯୁବ ସଙ୍ଗଠନ। ଏଥିରେ ହାଜିପୁର ଗ୍ରାମର ବୈଷ୍ଣବ ପଟ୍ଟନାୟକ, ଶ୍ୟାମସୁନ୍ଦର କାନୁନଗୋ, ଡିହସାହିର ହାଡ଼ିବନ୍ଧୁ ସ୍ୱାଇଁ, ଗୌଡ଼ସାହିର ଆଦିକନ୍ଦ ସେଠୀ, ଗୋଡ଼ାର ଧନେଶ୍ୱର ସେନାପତି, କିଆର ବିଷ୍ଣୁ ଚରଣ ଶୁକ୍ଳା, ବେଲ ଦେଈ, ସିହାର ପରମାନନ୍ଦ ସ୍ୱାଇଁ, ନରସିଂହପୁରର ଦାସ ମଳିକ, ଲଛମାକଣର ମାନ ସାମଲ, ପଞ୍ଚପଲ୍ଲୀର ବୀର କିଶୋର ମହାନ୍ତି, ଦିବାକର ମହାନ୍ତି, ଗଡ଼କୁଜଙ୍ଗର ଭ୍ରମରବର ଦାସ, ସିଂହପୁରର ଦୁର୍ଯ୍ୟୋଧନ ପଟ୍ଟନାୟକ, ଭିରଙ୍ଗର ମାୟାଧର ରାଉତ, ପଏଦାର ଭାଇଗ ପ୍ରଧାନ, ଉତ୍ସବ ସ୍ୱାଇଁ ଓ ମାୟାଧର ମହାନ୍ତି ପ୍ରମୁଖ ଶତାଧିକ ସଂଗ୍ରାମୀ ଏଥିରେ ସାମିଲ ହୋଇ ଦେଶ ଓ ଜାତିର ମୁକ୍ତି ପାଇଁ ପ୍ରାଣ ଦେବାକୁ ପଣ କଲେ।

ସେହିପରି ବ୍ଲକର ସିହା, ଦେଉଳି, ମଣିକୁଣ୍ଡଳ, ଓଲମରେଇ, ଭୟଳ, ରଇଜଙ୍ଗା, ନଈଗୁଆଁ, ଚନ୍ଦ୍ରଘଟି, ଗଣେଶ୍ୱରପୁର, ଲଛମା କଣ ଓ ଭିରଙ୍ଗ ଗ୍ରାମର ଶତାଧିକ ଜନତା ମୁକ୍ତି ସଂଗ୍ରାମର ମହାସ୍ରୋତରେ ସାମିଲ ହେଲେ। ଆକାଶବାଣୀର ବରିଷ୍ଠ ଗୀତିକାର ସ୍ୱର୍ଗତ ଶୁଭନାରାୟଣ ସ୍ୱାଇଁଙ୍କ ସଂଗ୍ରାମୀ ସ୍ମରଣେ, ପଞ୍ଚାନନ କାନୁନଗୋଙ୍କ ମାଟିର ମହକ, ଡ. ଗୁରୁପ୍ରସାଦ ମହାନ୍ତିଙ୍କ ଅଶ୍ରୁ ତର୍ପଣ ପୁସ୍ତକରେ ବର୍ଣ୍ଣିତ ସ୍ୱାଧୀନତା ସଂଗ୍ରାମରେ ଏରସମାର ପୃଷ୍ଠଭୂମୀର କାହାଣୀ ପାଠ କଲେ ଲୋମ ଟାଙ୍କୁରି ଉଠେ। ନିର୍ଜନ ରାତିରେ ବ୍ରିଟିଶ ଫୌଜର ଅମାନୁଷିକ ଅତ୍ୟାଚାରକୁ ଖାତିର ନ କରି ଶାନ୍ତି ସେବକ ସମିତି ପକ୍ଷରୁ ଜଗନ୍ନାଥପୁର(ତିରଣ) ଡାକ ବଙ୍ଗଳାରେ ଅଗ୍ନି ସଂଯୋଗ କରାଗଲା। ସେହିପରି ୧୯୪୨ ସେପ୍ଟେମ୍ବର ୬ ତାରିଖ ଥିଲା ଏକ କ୍ରାନ୍ତିକାରୀ ଦିବସ। ଶହସ୍ରାଧିକ ସଂଗ୍ରାମୀ ତତ୍କାଳୀନ ଏରସମା ଥାନାକୁ ସ୍ପଷ୍ଟ ଦିବାଲୋକରେ ପୋଡ଼ି ଧ୍ୱଂସସ୍ତୁପରେ ପରିଣତ କରିଦେଲେ। ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏହା ଥିଲା ଏ ଅଞ୍ଚଳ ପାଇଁ ସର୍ବଶ୍ରେଷ୍ଠ କ୍ରାନ୍ତିକାରୀ ସମାବେଶ। ପରିଣାମ ସ୍ୱରୂପ ଶତାଧିକ ସଂଗ୍ରାମୀଙ୍କ ହାତରେ ହାତକଡି ପିନ୍ଧାଇ, ଅଣ୍ଟାରେ ଦଉଡି ବାନ୍ଧି ୨ଟି ଧାଡ଼ିରେ ଦୀର୍ଘ ୨୫ କିମି ଚଲାଇ ଚଲାଇ ନେଇ ତିର୍ତ୍ତୋଲ ଥାନାରେ ବନ୍ଦୀ କରାଗଲା। ସେଠାରେ ସେମାନଙ୍କୁ ଦିଆଗଲା ଅକଥନୀୟ ଅତ୍ୟାଚାର। ତେବେ ଆଜି ମଧ୍ୟ ସେହି ଏରସମା ପୋଡ଼ି ଦିବସ ସ୍ମରଣୀୟ ହୋଇରହିଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରାଭିଭାବକଙ୍କ ଆନ୍ଦୋଳନ

ଜଗତ୍‌ସିଂହପୁର ଅଫିସ, ୫।୯

ଶାଳଜଙ୍ଗସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଛାତ୍ରାଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗୁରୁବାର ୭ ଦଫା ଦାବି ନେଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରାଭିଭାବକମାନେ ଧାରଣାରେ ବସି ରହିଥିଲେ। ଏ ସମ୍ପର୍କରେ ଓ.ଏ.ଭି. ଛାତ୍ରାଭିଭାବକ ସଂଘ ପକ୍ଷରୁ କୁହାଯାଇଛି ଯେ, ବିଦ୍ୟାଳୟ ଆରମ୍ଭ ଦିନଠାରୁ ଇଂଲିଶ ଶିକ୍ଷକ ନିଯୁକ୍ତ ହୋଇନାହାନ୍ତି। ଏହା ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ହୋଇଥିବା ବେଳେ ଏହି ଶିକ୍ଷକ ନିଯୁକ୍ତି ନ ହେବା ଚିନ୍ତାର କାରଣ ହୋଇଛି। ଅନୁରୂପ ଭାବେ କମ୍ପ୍ୟୁଟର ଶିକ୍ଷକ, କିରାଣି ପଦବୀ ମଧ୍ୟ ଖାଲି ପଡିଛି। ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ପରୀକ୍ଷାଗାର, ଆବାସିକ ଗୃହ ଓ ଖେଳପଡିଆ ଏ ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଖେଳ ପଡିଆ ପାର୍ଶ୍ୱରେ ଠିକାଦାର ବିଦ୍ୟାଳୟ ଗୃହ ନିର୍ମାଣ କଲାବେଳେ ଯେଉଁଭଳି ମାଟି ଉଠାଇ ପୋଖରୀ ସଦୃଶ କରିଛନ୍ତି ତାହା ନାହିଁ ନ ଥିବା ସମସ୍ୟା ସୃଷ୍ଟି କରିଛି। ଏହା ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଏହିସବୁ ସମସ୍ୟାର ସମାଧାନ ଯଥାଶୀଘ୍ର କରା ନ ଗଲେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଅନ୍ୟତ୍ର ପଢାଇବାକୁ ବାଧ୍ୟ ହେବେ। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




ପିତା ପରମ ଆରାଧ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ ସନ୍ତୋଷ ଲାଭ କରନ୍ତି।
-କଠୋପନିଷଦ



## ସଂକ୍ଷେପରେ

### ଏନ୍‌ଜିଓରୁ ଚୋରି ଅଭିଯୋଗରେ ଜଣେ ଗିରଫ, ୩ ଫେରାର

ଓଡ଼ଗାଁ, ୫।୯(ସ୍ୱ.ପ୍ର.): ଓଡ଼ଗାଁ ଥାନା ଓ ରୋହିବାଙ୍କ ପଞ୍ଚାୟତ ନିକଟସ୍ଥ ଏକ ଏନଜିଓରୁ ଚୋରି ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ଏହି ଘଟଣାରେ ଅନ୍ୟ ତିନି ଜଣ ଫେରାର ଅଛନ୍ତି। ସୂଚନା ଅନୁସାରେ ଉକ୍ତ ଏନଜିଓ ପରିସରରୁ ଦୁର୍ବୃତ୍ତ ୨୧ ତାରିଖରେ କେତେକ ସାମଗ୍ରୀ ଚୋରି କରି ନେଇଥିଲେ। ସେଥି ମଧ୍ୟରେ ୧୨ ଖଣ୍ଡ ଶାଗୁଆନ ପଟା, ଚାଷ ଉପକରଣ, ପ୍ଲାଷ୍ଟିକ ଡ୍ରମ, ଗୋଟିଏ ଟ୍ରଲି ଏବଂ କେତେକ ଇଲେକ୍ଟ୍ରି ବଲବ୍ ରହିଥିଲା। ଏ ନେଇ ଅନୁଷ୍ଠାନର ସମ୍ପାଦିକା ସାବରମତି ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୩୬/୧୯ ରେ ଏକ ମକଦ୍ଦମା ରୁଜୁ କରିବା ସହିତ ମାମଲାର ତଦନ୍ତ କରୁଥିଲା। ଏପରିସ୍ଥଳେ ଚୋରିରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଭଗବତୀ ପ୍ରସାଦ ଗ୍ରାମର ସୁରେନ୍ଦ୍ର ରାଉତ(୨୫)ଙ୍କୁ ମଙ୍ଗଳବାର ଗିରଫ କରିବା ସହିତ ଚୋରି ସାମଗ୍ରୀ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କ ସମ୍ପର୍କରେ ସୂଚନା ହାସଲ କରିଥିଲା। ପୋଲିସ ସୁରେନ୍ଦ୍ରଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ୨୦ ଲିଟର ମଦ ଜବତ

ରଣପୁର ୫।୯ (ସ୍ୱ.ପ୍ର.): ରଣପୁର ପୋଲିସ ଗୁରୁବାର ମଧ୍ୟାହ୍ନରେ ନରସିଂହପୁର ଗ୍ରାମରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ୨୦ ଲିଟର ଦେଶୀ ମଦ ଜବତ କରିଛି। ଉକ୍ତ ଘଟଣାରେ ଗ୍ରାମର ପ୍ରଫୁଲ୍ଲ ସାହୁ (୪୫)ଙ୍କୁ ପୋଲିସ ଅଟକ ରଖି ପଚରା ଉଚୁରା ଚଳାଇଛି। ପ୍ରଫୁଲ୍ଲ ଘରେ ମଦ ବିକ୍ରୟ ପାଇଁ ରଖିଥିବା ବେଳେ ପୋଲିସ ଖବର ପାଇ ଚଢ଼ାଉ କରିଥିବା ଏସ୍ଆଇ ଦୀପ୍ତି ପ୍ରକାଶ ମହାନ୍ତି ପ୍ରକାଶ କରିଛନ୍ତି।

## ନୟାଗଡ଼ ମେଡିକାଲ୍‌ରେ ଲାଞ୍ଚ ନିଆଯିବା ଘଟଣା

# ନିଲମ୍ବିତ ହେଲେ ମହିଳା ଆଟେଣ୍ଡାଣ୍ଟ

ନୟାଗଡ଼ ଅଫିସ,୫।୯

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମହିଳା ଆଟେଣ୍ଡାଣ୍ଟ ଲାଞ୍ଚ ନେବା ଭିଡିଓ ଭାଇରାଲ ହେବା ପରେ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏ ଦିଗରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମ୍ପୃକ୍ତ ମହିଳା ଆଟେଣ୍ଡାଣ୍ଟ ରାଜଲକ୍ଷ୍ମୀ ପାଣିଗ୍ରାହୀଙ୍କୁ ନିଲମ୍ବିତ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ଚିଠିରେ ଦର୍ଶାଯାଇଛି ଯେ,ଗତ ୨ ତାରିଖରେଆଟେଣ୍ଡାଣ୍ଟ ଜଣଙ୍କ ଜଣେ ବ୍ୟକ୍ତିଙ୍କଠାରୁ ପ୍ରସୂତି ୱାର୍ଡରେ ଲାଞ୍ଚ ନେଉଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି।

ସୂଚନାଯୋଗ୍ୟ, ଶରଣକୁଳ ଥାନା ସୋଲପଟା ଗ୍ରାମର କାମେଶ୍ୱର ଆଚାରୀ ସ୍ତ୍ରୀଙ୍କୁ ପ୍ରସବ ପାଇଁ ଗତ ୨୭ ତାରିଖରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସନ୍ଧ୍ୟାରେ ମହିଳା ଆଟେଣ୍ଡାଣ୍ଟ ଆସି ସୁରୁଖୁରୁରେ ପ୍ରସବ କରାଇ ଦେବା ପାଇଁ ତାଙ୍କୁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଉକ୍ତ ଟଙ୍କା ଡାକ୍ତର, ଆଟେଣ୍ଡାଣ୍ଟ ଓ ଆଶା ଦିଦି ମିଶି ନେବେ ବୋଲି ସେ କହିଥିଲେ। କାମେଶ୍ୱରଙ୍କ ସ୍ତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ସେ ବାଧ ହୋଇ ୫ ହଜାର ଟଙ୍କା ଦେଇଥିଲେ।




ଆଟେଣ୍ଡାଣ୍ଟ ରାଜଲକ୍ଷ୍ମୀ ପାଣିଗ୍ରାହୀ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ଚିଠି।

### ଭାଇରାଲ୍ ହୋଇଥିଲା ଲାଞ୍ଚ ନେବା ଭିଡିଓ

ତାଙ୍କ ସ୍ତ୍ରୀଙ୍କ ଅସ୍ତ୍ରୋପଚାର କରାଯିବା ପରେ ଶିଶୁ କନ୍ୟାଟିଏ ଜନ୍ମ ହୋଇଥିଲା। ଏହା ପରେ ମଧ ସମ୍ପୃକ୍ତ ଆଟେଣ୍ଡାଣ୍ଟ ତାଙ୍କ ପିଛା ଛାଡ଼ି ନ ଥିଲେ। ଷ୍ଟିଚ୍ ଖୋଲାଯିବ ପରେ ଆଉ ୨୦୦ ଟଙ୍କା ଦେବାକୁ ସେ କହିଥିଲେ। କାମେଶ୍ୱର ୨ ତାରିଖରେ ୨୦୦ ଟଙ୍କା ସମ୍ପୃକ୍ତ ଆଟେଣ୍ଡାଣ୍ଟଙ୍କୁ ଦେଉଥିବାବେଳେ ଚତୁରତାର ସହିତ ତାହାକୁ ମୋବାଇଲରେ ରେକର୍ଡିଂ କରି ଦେଇଥିଲେ। ପରେ ଏହାକୁ ଭାଇରାଲ୍ କରିଥିଲେ। କାମେଶ୍ୱର ଏ ନେଇ ଟାଉନ ଥାନା ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ଗତ ୨୦୧୮ ସେପ୍ଟେମ୍ବରରେ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ନର୍ସ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ଦାବି କରିଥିବାର ଭିଡିଓ ମଧ ଭାଇରାଲ୍ ହୋଇଥିଲା।

## ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନର କର୍ମକର୍ତ୍ତା ଚୟନ

ନୟାଗଡ଼ ଅଫିସ,୫।୯

ନୟାଗଡ଼ ଜିଲା ଶରଣକୁଳ ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ବୈଠକ ଶରଣକୁଳ ପୂର୍ତ୍ତବିଭାଗ ଡାକବଙ୍ଗଳଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରଣପୁର ବିଧାୟକ ତଥା ଆସୋସିଏଶନର ସଭାପତି ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷର ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୧୯-୨୦ ବର୍ଷ ପାଇଁ ଆସୋସିଏଶନର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରଧାନ ସଭାପତି, ବିକ୍ରମ କୁମାର ଦାଶ, ବୈକୁଣ୍ଠ ନାଥ ସିଠ ଉପସଭାପତି, ଯୋଗେନ୍ଦ୍ର ନାଥ ପ୍ରଧାନ ସାଧାରଣ ସମ୍ପାଦକ, ରବୀନ୍ଦ୍ର କୁମାର ଚୌଧୁରୀ ଯୁଗ୍ମ ସମ୍ପାଦକ, ଶ୍ୟାମଘନ ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଚିତ୍ତରଞ୍ଜନ ବରାଡ଼, ଶିବ ପ୍ରସାଦ ପୁଷ୍ପପାଳକ, ପ୍ରଶାନ୍ତ କୁମାର ଦାଶ, ଦୀପ୍ତିରଞ୍ଜନ ପରିଡ଼ା , ସୁଶାନ୍ତ କୁମାର ଜେନା ପରିଚାଳନା କମିଟି ସଭ୍ୟରୂପେ ମନୋନୀତ ହୋଇଥିଲେ। ମହେନ୍ଦ୍ରନାଥ ପ୍ରଧାନ, ମନୋରଞ୍ଜନ ମହାପାତ୍ର, ମୀନାକ୍ଷୀ ପ୍ରସାଦ ସାହୁ, କୃଷ୍ଣଚନ୍ଦ୍ର ତ୍ରିପାଠୀ ଓ କୃଷ୍ଣଚନ୍ଦ୍ର ମହାପାତ୍ର ଉପଦେଷ୍ଟା ଭାବେ ରହିଛନ୍ତି। ଅନ୍ୟପକ୍ଷେ ପୁରୀ ଏମ୍‌ପି ପିନାକୀ ମିଶ୍ର, କୃଷି ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁ , ରଣପୁରର ପୂର୍ବତନ ବିଧାୟକ ରବିନାରାୟଣ ମହାପାତ୍ର ଅନୁଷ୍ଠାନର ପୃଷ୍ଠପୋଷକ ରହିଛନ୍ତି।

## ଗୁରୁପୂଜନ ସମାରୋହ ୨୦୧୯

# ଶିକ୍ଷକମାନଙ୍କ ମର୍ଯ୍ୟାଦା ବଳବତ୍ତର ରହିଛି



ଜିଲାପାଳ ଟୁଡୁ ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ନୟାଗଡ଼ ଅଫିସ,୫।୯

ନୟାଗଡ଼ ବ୍ଲକ ଓ ଏନ୍‌ଏସି ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଗୁରୁବାର ସ୍ଥାନୀୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଗୁରୁ ପୂଜନ ସମାରୋହ ୨୦୧୯ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଡ. ବିଜୟ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଗୁରୁ ଜାତି ସର୍ବଦା ନମସ୍ୟ ବୋଲି କହିଥିଲେ। ଯେଉଁମାନେ ଆମକୁ ଦିଗଦର୍ଶନ ଦେଇଥାନ୍ତି ସେମାନେ ହିଁ ଆମ ଗୁରୁ। ବର୍ତ୍ତମାନ ବି ଶିକ୍ଷକମାନଙ୍କ ମର୍ଯ୍ୟାଦା ବଳବତ୍ତର ରହିଛି ବୋଲି ମନ୍ତ୍ରୀ କହିଥିଲେ। ଶିକ୍ଷା ବିକ୍ରୟ ନ ହେଉ କିମ୍ବା ଏହାକୁ କେହି କ୍ରୟ ନ କରୁ। ତାହା ହେଲେ ସମାଜ ଠିକ୍ ଦିଗରେ ଚାଲିବ। ଜଣେ ଭଲ ଛାତ୍ର ଶିକ୍ଷକଙ୍କ ଶ୍ରୀବୃଦ୍ଧି କରିଥାଏ ବୋଲି ମନ୍ତ୍ରୀ ସାହୁ ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡା. ପୋମା ଟୁଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ କିପରି ତାଙ୍କୁ ଦିଗଦର୍ଶନ କରିଛନ୍ତି ଓ ତା'ର ପ୍ରଭାବ ନିଜ ଜୀବନରେ କିପରି ପଡ଼ିଛି ସେ ବିଷୟରେ ବର୍ଣ୍ଣନା କରିଥିଲେ। ଏଥିସହ ଗୁରୁଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଶରତ ଚନ୍ଦ୍ର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବା ବେଳେ ଏମ୍.ଆଉରଙ୍ଗଜେବ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ରକ୍ତଦାନ ଶିବିର, ୨୫ ୟୁନିଟ୍ ସଂଗ୍ରହ




ଜଣେ ଯୁବକ ରକ୍ତଦାନ କରୁଛନ୍ତି।

ନୟାଗଡ଼ ଅଫିସ,୫।୯

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ନୟାଗଡ଼ ନଗର ଶାଖା ପକ୍ଷରୁ ଗୁରୁବାର ଗୁରୁଦିବସ ଉପଲକ୍ଷେ କଇଥଗାଡ଼ିଆ ଗ୍ରାମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ , ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସନ୍ତୋଷ କୁମାର ପ୍ରଧାନ, ଏବିଭିପିର ନୟାଗଡ଼ ଜିଲା ପ୍ରମୁଖ ପରମେଶ୍ୱର ମହାନ୍ତି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏବିଭିପିର ଜିଲା ସହସଂଯୋଜକ ପରମେଶ୍ୱର ସାହୁ, ନଗର ସମ୍ପାଦକ ଦିଲୀପ ନାୟକ, ନୟାଗଡ଼ ବ୍ଲକ ସଂଯୋଜକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ରକ୍ତଦାନ ଶିବିରରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରୀ ସହ ପ୍ରମୁଖ ସୁଜାତା ପାଣିଗ୍ରାହୀ, ସନ୍ତୋଷିନୀ ମହାପାତ୍ର, ସଚିକାନ୍ତ ବାଇ, ସୁନୀଲ ବାଇ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।


## ମନେ ପଡ଼ନ୍ତି

**୧୧ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦିଗମ୍ବର ନାୟକ**
ମଠକରଗୋଳା, ଢେଙ୍କାନାଳ
ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ
ଆବିର୍ଭାବ: ୧୭।୦୬।୧୯୬୩
ତିରୋଧାନ: ୦୬।୦୯।୨୦୦୮
(ଭାଦ୍ରବ ଶୁକ୍ଳପକ୍ଷ ସପ୍ତମୀ)
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସତ୍ୟନିଷ୍ଠ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ଧର୍ମପତ୍ନୀ: ପ୍ରଜିଳା, ପୁତ୍ର: ଦିପୁନ, ଲିକୁନ, ପୁତ୍ରବଧୂ: ପ୍ରିୟଙ୍କା, ଶାଶୁ, ଶ୍ୱଶୁର, ସଢୁ, ଦେଢଶାଶୁ, ଶାଳୀ, ପୁତୁରା, ଝିଆରୀ, ପରିବାରବର୍ଗ ଓ ବନ୍ଧୁ ପରିଜନ।
ଧ-୬୬୮୧୬

**ଦ୍ୱାଦଶାହ ଦିବସ**



**ଅହଲ୍ୟା ସ୍ୱାଇଁ**
ଝାଡବନ୍ଧ (ଗଞ୍ଜାମ)
ତିରୋଧାନ : ୨୬.୮.୨୦୧୯
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
ହତଭାଗ ସ୍ୱାମୀ ରଘୁନାଥ ସ୍ୱାଇଁ
ଶୋକସନ୍ତପ୍ତ ପରିବାର ବର୍ଗ
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ-୧୪୨୨୭


## କେନ୍ଦ୍ରୀୟ ବିଦ୍ୟାଳୟରେ ଖୋଲିଲା ଏକାଦଶ ଶ୍ରେଣୀ

ନୟାଗଡ଼ ଅଫିସ,୫।୯



ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରୀଛାତ୍ର।

ବହୁଦିନର ଦାବି ଓ ଆନ୍ଦୋଳନ ପରେ ଶେଷରେ ବୁଧବାର ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଚାଲିଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲିଛି। ଏହାକୁ ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିବା ବେଳେ ଗୁରୁବାର ଠାରୁ ବିଧିବଦ୍ଧଭାବେ ପାଠପଢ଼ା ଆରମ୍ଭ ହୋଇଛି। କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଏସ.ଶ୍ରୀନିବାସନ୍ ବୁଧବାର ଏକାଦଶ ଶ୍ରେଣୀର ଉଦ୍‌ଘାଟନ କରିଥିବା ବେଳେ ସମସ୍ତ ଛାତ୍ରୀଛାତ୍ର,ଶିକ୍ଷକ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ କେବଳ ବିଜ୍ଞାନ ବିଭାଗରେ ଏକାଦଶ ଶ୍ରେଣୀ ଖୋଲିଥିବା ବେଳେ ନିଜସ୍ୱ ଗୃହକୁ ସ୍ଥାନାନ୍ତର ପରେ ଅନ୍ୟାନ୍ୟ ବିଭାଗ ଖୋଲାଯିବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଚଳିତ ବର୍ଷ ଏକାଦଶ ଶ୍ରେଣୀ ପାଇଁ ଅସ୍ଥାୟୀଭାବେ ପଦାର୍ଥ ବିଜ୍ଞାନ, ଗଣିତ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ, ଇଂଲିଶ ଆଦି ବିଷୟରେ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏକାଦଶ ଶ୍ରେଣୀ ପାଇଁ ବର୍ତ୍ତମାନ ୪୦ଟି ସିଟ ମଞ୍ଜୁର ହୋଇଛି। ଗତବର୍ଷ ଦଶମରେ ପଢୁଥିବା ୪୨ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୮ଜଣ ପିଲା ଏକାଦଶରେ ନାମ ଲେଖାଇଥିବା ବେଳେ ଅନ୍ୟ ବିଦ୍ୟାଳୟରୁ ୧୨ ଜଣ ପିଲା ନାମ ଲେଖାଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ ଗୃହର ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବା ବେଳେ ବିଦ୍ୟାଳୟ ସ୍ଥାନାନ୍ତର କରିବାକୁ ଅଭିଭାବକ ସଂଘ ବିଦ୍ୟାଳୟର ଅଧ୍ୟକ୍ଷ ତଥା ଜିଲାପାଳ ଡ.ପୋମା ଟୁଡୁଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଛନ୍ତି।


## CLASSIFIED DISPLAY














### ଓଡ଼ଗାଁରୁ ନିଖୋଜ ଛାତ୍ର ଖୋର୍ଦ୍ଧାରୁ ଉଦ୍ଧାର

ଓଡ଼ଗାଁ, ୫।୯(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁରୁ ବୁଧବାର ସନ୍ଧ୍ୟାରେ ନିଖୋଜ ଥିବା ଜଣେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ଗୁରୁବାର ସନ୍ଧ୍ୟାରେ ଖୋର୍ଦ୍ଧା ପୋଲିସ ଉଦ୍ଧାର କରିଛି। ସମ୍ପୃକ୍ତ ଛାତ୍ର ସ୍କୁଲ ନିକଟସ୍ଥ ନିଜ ସମ୍ପର୍କୀୟ ମଉସାଙ୍କ ଘରେ ରହି ପାଠ ପଢୁଥିଲେ। ଏପରିସ୍ଥଳେ ସେ ବୁଧବାର ସନ୍ଧ୍ୟାରେ ପ୍ରଥମେ ଗୋଟିଏ ଟ୍ୟୁଶନରୁ ଫେରି ଅନ୍ୟ ଏକ ଟ୍ୟୁଶନକୁ ଯିବାବେଳେ ନିଜ ସାଇକେଲ ଓ ବହିବସ୍ତାନି ସହିତ କେଉଁଆଡେ ଚାଲିଯାଇଥିଲେ। ଛାତ୍ରଙ୍କ ପରିବାର ସଦସ୍ୟମାନେ ସବୁଆଡ ଖୋଜାଖୋଜି କରିବାପରେ ପୁଅ ସମ୍ପର୍କରେ କୌଣସି ସୂଚନା ପାଇ ନ ଥିଲେ। ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏ ନେଇ ୧୫୦/୧୯ ରେ ଏକ ମକଦ୍ଦମା ରୁଜୁ କରିବା ସହିତ ତଦନ୍ତ କରୁଥିଲା। ହେଲେ ଛାତ୍ର ନିଖୋଜର ୨୪ ଘଣ୍ଟା ପରେ ଖୋର୍ଦ୍ଧା ପୋଲିସ ଛାତ୍ରଙ୍କୁ ଉଦ୍ଧାର କରି ଓଡଗାଁ ପୋଲିସକୁ ସୂଚନା ଦେଇଛି।


## ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ନିୟାମକ ପରିଷଦ

୧ମ ମହଲା, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ବାବର ରୋଡ୍, ନୂଆଦିଲ୍ଲୀ - ୧୧୦୦୦୧
ଟେଲି. ନଂ.: ୨୩୪୫୭୭୦୦, ଫାକ୍ସ ନଂ. ୨୩୭୦୯୧୫୧

PNGRB

୨୩।୦୮।୨୦୧୯

**ସର୍ବସାଧାରଣ ବିଜ୍ଞପ୍ତି ନଂ.:**

**ବିଡ୍/ଏନ୍‌ଜିପିଏଲ୍/୧୪/ ୨୦୧୯/୦୧/ଏମ୍‌ଏନ୍‌ଜେପିଏଲ୍/୦୧**

ପିଏନ୍‌ଜିଆର୍‌ବି (ପ୍ରାକୃତିକ ବାଷ୍ପ ପାଇପ୍‌ଲାଇନ୍ ବିଛାଇବା, ଗଢ଼ିବା, ପରିଚାଳନା କରିବା କିମ୍ବା ସମ୍ପ୍ରସାରଣ କରିବା ପାଇଁ ସତ୍ତାଗୁଡ଼ିକୁ ପ୍ରାଧିକାର ପ୍ରଦାନକାରୀ) ନିୟମାବଳୀ, ୨୦୦୮ର ନିୟମ ୫ ଅଧୀନରେ ମୁମ୍ବାଇ (ମହାରାଷ୍ଟ୍ର) – ନାଗପୁର (ମହାରାଷ୍ଟ୍ର) – ରାୟପୁର (ଛତିଶଗଡ଼) – ବିଳାସପୁର (ଛତିଶଗଡ଼) – କୋରବା (ଛତିଶଗଡ଼) – ରାୟଗଡ଼ (ଛତିଶଗଡ଼) – ଝାରସୁଗୁଡ଼ା (ଓଡ଼ିଶା) ପ୍ରାକୃତିକ ବାଷ୍ପ ପାଇପ୍‌ଲାଇନ୍ ସହିତ ନାଗପୁର (ମହାରାଷ୍ଟ୍ର) – ଛିନ୍ଦୱାଡ଼ା (ମଧ୍ୟପ୍ରଦେଶ) – ଜବଲପୁର (ମଧ୍ୟପ୍ରଦେଶ) ପର୍ଯ୍ୟନ୍ତ ସ୍ପର୍ ଲାଇନ୍‌ର ଅନୁମୋଦନ ନିମନ୍ତେ ଆଗ୍ରହୀ ଏବଂ ଯୋଗ୍ୟ ସତ୍ତାଗୁଡ଼ିକଠାରୁ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ନିୟାମକ ପରିଷଦ, ନୂଆଦିଲ୍ଲୀ ଦ୍ୱାରା ଏକକ ପର୍ଯ୍ୟାୟ ଦୁଇ ବିଡ୍ ପ୍ରଣାଳୀରେ ଅନ୍‌ଲାଇନ୍ ଦରଖାସ୍ତ ତଥା ବିଡ୍ ଆହ୍ୱାନ କରାଯାଉଛି।

| ପ୍ରାକୃତିକ ବାଷ୍ପ ପାଇପ୍‌ଲାଇନ୍‌ର ନାମ | ବିଡ୍ କାଗଜପତ୍ର ନଂ. |
|---|---|
| ମୁମ୍ବାଇ – ନାଗପୁର – ଝାରସୁଗୁଡ଼ା ପ୍ରାକୃତିକ ବାଷ୍ପ ପାଇପ୍‌ଲାଇନ୍ (ଏମ୍‌ଏନ୍ ଜେପିଏଲ୍) | ବିଡ୍/ଏନ୍‌ଜିପିଏଲ୍/୧୪/ ୨୦୧୯/୦୧/ଏମ୍‌ଏନ୍‌ଜେପିଏଲ୍ |

ଉଭୟ ବିଡ୍‌ର କାଗଜପତ୍ର ଡାଉନ୍‌ଲୋଡ୍ କରିବା ଓ ଦାଖଲ କରିବାର ଆରମ୍ଭ ଓ ସମାପ୍ତି ତାରିଖ ନିମ୍ନ ଅନୁଯାୟୀ ହେବ:

| | |
|---|---|
| ବିଡ୍ କାଗଜପତ୍ର ଡାଉନ୍‌ଲୋଡ୍ ଆରମ୍ଭ ତାରିଖ | ୨୬।୦୮।୨୦୧୯, ୦୯.୦୦ ଘଟିକା |
| ବିଡ୍ ଦାଖଲ ଆରମ୍ଭ ତାରିଖ | ୨୬।୦୮।୨୦୧୯, ୦୯.୦୦ ଘଟିକା |
| ପ୍ରାକ୍-ବିଡ୍ ବୈଠକ ତାରିଖ ଓ ସମୟ | ୨୬।୦୯।୨୦୧୯, ୧୫.୦୦ ଘଟିକା |
| ବିଡ୍ କାଗଜପତ୍ର ଡାଉନ୍‌ଲୋଡ୍‌ର ଶେଷ ତାରିଖ | ୨୪।୧୨।୨୦୧୯, ୧୭.୩୦ ଘଟିକା |
| ବିଡ୍ ଦାଖଲର ଶେଷ ତାରିଖ | ୨୪।୧୨।୨୦୧୯, ୧୭.୩୦ ଘଟିକା |
| ବିଡ୍ ଖୋଲାଯିବା ତାରିଖ | ୨୬।୧୨।୨୦୧୯, ୧୨.୦୦ ଘଟିକା |

ଟେଣ୍ଡର କାଗଜପତ୍ରରେ ପ୍ରଦତ୍ତ ଅନୁସୂଚୀ ଅନୁଯାୟୀ ପାଇପ୍‌ଲାଇନ୍ ପାଇଁ ଦରଖାସ୍ତ–ତଥା–ବିଡ୍ କାଗଜପତ୍ର ସେଣ୍ଟ୍ରାଲ ପବ୍ଲିକ୍ ପ୍ରୋକ୍ୟୋର୍‌ମେଣ୍ଟ ପୋର୍ଟାଲ୍ (ସିପିପିପି) ୱେବ୍‌ସାଇଟ୍ https://eprocure.gov.in/eprocure/appରୁ ଡାଉନ୍‌ଲୋଡ୍ କରାଯାଇପାରିବ।

ସନ୍ଦର୍ଭ ଉଦ୍ଦେଶ୍ୟ ପାଇଁ, ନମୁନା ଦରଖାସ୍ତ–ତଥା–ବିଡ୍ କାଗଜପତ୍ର ତା୨୩।୦୮।୨୦୧୯ରିଖ ପରଠାରୁ ପିଏନ୍‌ଜିଆର୍‌ବିର ୱେବ୍‌ସାଇଟ୍: www.pngrb.gov.inରେ ସ୍କ୍ରୋଲିଂ ୱିଣ୍ଡୋ 'ନୂଆ କ'ଣ'ରେ ମଧ ଦେଖାଯାଇପାରିବ।

davp 33112/11/0010/1920

**ଅତିରିକ୍ତ ଉପଦେଷ୍ଟା**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୬ ସେପ୍ଟେମ୍ବର, ୨୦୧୯



ପିତାମାତା ସାନ ହୋଇଛନ୍ତି ବୋଲି ଯେ ସନ୍ତାନଟି ବଡ଼ ହେବ ନାହିଁ, ଏଭଳି ଭାବିବାରେ କୌଣସି କାରଣ ନାହିଁ।

- ହୋରେସ୍



## ସଂକ୍ଷେପରେ

### ସିଡବଲ୍ କର୍ମଶାଳା

**ନୟାଗଡ଼ ଅଫିସ,୫।୯:** ଗୁରୁଦିବସ ଉପଲକ୍ଷେ ଗୁରୁବାର ଓଡ଼ଗାଁ ବ୍ଲକ ଗୋଡ଼ିପଲ୍ଲୀସ୍ଥିତ ଗୋପୀନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଫ୍ରେଣ୍ଡସ୍ ହେଲ୍ପ ଗ୍ରୁପ୍ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସିଡ୍‌ବଲ୍ କର୍ମଶାଳା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରେରଣା ଅନ୍ତର୍ଜାତୀୟ ଗ୍ରୀନ୍ ଆର୍ମିର ଚିଫ୍ କମାଣ୍ଡର ଡ. ଦିଲୀପ ଶ୍ରୀଚନ୍ଦନ, ସମାଜିକ କର୍ମୀ ଶିବରାମ ମହାପାତ୍ର, ଶରଣକୁଳ ମହାବିଦ୍ୟାଳୟ ଅଧ୍ୟାପକ ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ଚାରାରୋପଣର ଆବଶ୍ୟକତା ଓ ସିଡବଲ୍‌ର ବ୍ୟବହାର ଉପରେ ବୁଝାଇଥିଲେ। ସିଡବଲ୍ ତିଆରି ପଦ୍ଧତି ଓ ଏହାର ଉପଯୋଗିତା ବିଷୟରେ ସଚେତନ କରାଯାଇଥିଲା। ଏହି ପଦ୍ଧତିରେ ପ୍ରଥମେ ମଞ୍ଜିକୁ ସଂଗ୍ରହ କରାଯାଏ। ଏହା ପରେ ମାଟି ଓ ଖତର ମିଶ୍ରଣ ଭିତରେ ମଞ୍ଜିକୁ ରଖି ଗୋଲାକାର ଭଳି ପ୍ରସ୍ତୁତ କରାଯାଏ। କିଛି ସମୟ ଧରି ଖରାରେ ଶୁଖାଇବା ପରେ ଏହା ସିଡବଲ୍‌ରେ ପ୍ରସ୍ତୁତ ହୋଇଥାଏ ବୋଲି କର୍ମଶାଳାରେ କୁହାଯାଇଥିଲା। ସିଡବଲ୍ ହେବା ପରେ ଏହାକୁ ଯେ କୌଣସି ଖାଲି ସ୍ଥାନ, ଜମି ଓ ଲଣ୍ଡା ପାହାଡ଼ରେ ପକାଇଲେ ଅତି ସହଜରେ ଏହା ଗଛ ହୋଇଯାଇଥାଏ। ଏହି ପଦ୍ଧତି ଦ୍ୱାରା ଅଧିକରୁ ଅଧିକ ସବୁଜ ବଳୟ ସୃଷ୍ଟି କରାଯାଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହା ପରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଫ୍ରେଣ୍ଡସ୍ ହେଲ୍ପ ଗ୍ରୁପ୍‌ର ଜ୍ଞାନ ରଞ୍ଜନ ପଣ୍ଡା, ସୁଜିତ କୁମାର ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହିଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି।

### କୃଷିମନ୍ତ୍ରୀଙ୍କ ଦ୍ୱାରା ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ

**ଓଡ଼ଗାଁ, ୫।୯(ସ୍ୱ.ପ୍ର.):** ବିଭିନ୍ନ ସ୍କୁଲ ଓ ଶିକ୍ଷାନୁଷ୍ଠାନରେ ଗୁରୁବାର ଗୁରୁ ଦିବସ ପାଳିତ ହୋଇଯାଇଛି । ନିକଟସ୍ଥ ବାହାଡ଼ାଝୋଲା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଗୁରୁ ପୂଜନ କରିବା ସହିତ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରୀମାନେ ସଂସ୍କୃତରେ ଅଭିଭାଷଣ ଦେଇଥିଲେ । ପରମ୍ପରାରୁ ଟିକିଏ ନିଆରା ଢଙ୍ଗରେ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ସେହିପରି ସ୍ଥାନୀୟ ସାଧାରଣ ସୁବିଧା କେନ୍ଦ୍ରରେ ଗୁରୁପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଧାୟକ ତଥା କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶତାଧିକ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଗୁରୁପୂଜନ ପରମ୍ପରାକୁ ବଞ୍ଚାଇ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

## ଗଣେଶ ଭସାଣିକୁ ନେଇ ଗୋଷ୍ଠୀ କନ୍ଦଳ

# ସବର୍ଣ୍ଣ, ଅସବର୍ଣ୍ଣଙ୍କ ମଧ୍ୟରେ ଗଣ୍ଡଗୋଳ

**ନୂଆଗାଁ,୫।୯ (ଡି.ଏନ.ଏ.)**



ଭଙ୍ଗା ଯାଇଥିବା ଘର।

- ହସ୍ତକ୍ଷେପ କଲେ ଥାନା ଅଧିକାରୀ
- ଆପୋସ ଆଲୋଚନା ମାଧମରେ ସମାଧାନ ନିଷ୍ପତ୍ତି



ଉଭୟ ଗୋଷ୍ଠୀଙ୍କ ସହ ଥାନା ଅଧିକାରୀଙ୍କ ଆଲୋଚନା।

ନୟାଗଡ଼ ଜିଲା ନୂଆଗାଁ ଥାନା ପାରାଢିପି ଗ୍ରାମରେ ବୁଧବାର ଗଣେଶ ପୂଜା ଭସାଣି ବେଳେ ସବର୍ଣ୍ଣ ଓ ଅସବର୍ଣ୍ଣ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ନୂଆଗାଁ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଥାନା ଅଧିକାରୀ ମନୋରମା ମଲିକ ଗୁରୁବାର ଉଭୟ ଗୋଷ୍ଠୀର ଲୋକମାନଙ୍କୁ ଭେଟି ଘଟଣାର ଆପୋସ ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ। ତଦନୁଯାୟୀ ଶୁକ୍ରବାର ଉଭୟ ଗୋଷ୍ଠୀର ଲୋକଙ୍କୁ ନେଇ ବୈଠକ କରାଯିବାକୁ ସ୍ଥିର ହୋଇଛି।

ପାରାଢିପି ଗ୍ରାମର ଅସବର୍ଣ୍ଣ ଲୋକମାନେ ଗଣେଶ ଭସାଣି ଉତ୍ସବ ପାଳନ କରୁଥିଲେ। ଶୋଭାଯାତ୍ରାରେ ସେମାନେ ଡିଜେ ବଜାଇ ନାଚ କରି ସାହି ବୁଲିଥିଲେ। ଫେରିବା ସମୟରେ ସୁଶାନ୍ତ ଗୁରୁଙ୍କୁ ନାଚ କରିବା ପାଇଁ କହିଥିଲେ। କିନ୍ତୁ ସେ ମନା କରିବାରୁ କେତେଜଣ ଯୁବକ ତାଙ୍କୁ ଟାଣି ନେଇଥିଲେ। ଏହାକୁ ଗୁରୁ ବିରୋଧ କରିବା ସହ ଗାଳି ମଧ୍ୟ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅସବର୍ଣ୍ଣ ଲୋକେ ଗଣ୍ଡଗୋଳ କରିଥିଲେ। ଏପରି କି ମାଡ଼ ମାରିବାରୁ ତାଙ୍କ ମୁହଁରେ କ୍ଷତ ସୃଷ୍ଟି ହୋଇଥିବା କହିଛନ୍ତି ସୁଶାନ୍ତଙ୍କ ସମେତ ସବର୍ଣ୍ଣ ଲୋକେ। ଅସବର୍ଣ୍ଣ ଲୋକଙ୍କ ଅଭିଯୋଗ ମୁତାବକ ସେମାନଙ୍କ ଭସାଣି ଶୋଭାଯାତ୍ରାକୁ ସବର୍ଣ୍ଣ ଲୋକେ ବିରୋଧ କରିବା ସହ କୋଠଘରକୁ ଭାଙ୍ଗି ଦେଇଛନ୍ତି। ଏପରି କି କେତେଜଣଙ୍କ ଘରକୁ ଟେକାପଥର ମାରିଛନ୍ତି। ପଥର ମାଡ଼ରେ ଆଶାକର୍ମୀ ପ୍ରଭାତୀ ନାଏକ ଆହତ ହୋଇ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସବର୍ଣ୍ଣ ଲୋକେ ଆକ୍ରୋଶମୂଳକ ଭାବେ କୋଠଘର ଭାଙ୍ଗି ଦେଇଥିବା କଥା ଅସବର୍ଣ୍ଣ ଲୋକମାନେ ଅଭିଯୋଗ କରିଥିବା ବେଳେ ସବର୍ଣ୍ଣମାନେ ଏହାକୁ ଖଣ୍ଡନ କରିଛନ୍ତି। କୋଠଘର କୁହାଯାଉଥିବା ଜାଗା ସର୍ବସାଧାରଣ ସ୍ଥାନ। ଉକ୍ତ ସ୍ଥାନରେ ୧୯୯୦ ମସିହାରେ ପଞ୍ଚାୟତ ପାଇଁ ଘର ନିର୍ମାଣ କରାଯାଇଥିବା ବେଳେ ସେଠାରେ ନିଃସ୍ୱାର୍ଥ ନାମକ ଏକ ସଂସ୍ଥା ଚାଲିଥିଲା। କିନ୍ତୁ କିଛିବର୍ଷ ହେଲା ଅସବର୍ଣ୍ଣ ଲୋକେ ସେହି ଘରକୁ ଅକ୍ତିଆର କରି ରଖିଛନ୍ତି। ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ନିମନ୍ତେ ସେହି ସ୍ଥାନକୁ ସଫାସୁତରା କରାଯାଉଥିବା କହିଛନ୍ତି ଗ୍ରାମ ସଭାପତି ନବକିଶୋର ପରିଡା। ଗ୍ରାମବାସୀଙ୍କ କହିବା ମୁତାବକ ଭଙ୍ଗାଯାଇଥିବା ଘରଟି ସରକାରୀ ଜାଗା। ତେଣୁ ଏହାକୁ କୌଣସି ଗୋଷ୍ଠୀ ଦଖଲ ନ କରି ସେଠାରେ ପାରାଢିପି ପାଇଁ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଗଲେ ଉଭୟ ପକ୍ଷଙ୍କ କାମରେ ଆସିବ। ଅସବର୍ଣ୍ଣ ସାହି ସଭାପତି ଶ୍ରୀଧର ନାଏକ କନ୍ଦଳକୁ ନ ବଢାଇ ସମାଧାନ ଚାହୁଁଥିବାବେଳେ ସବର୍ଣ୍ଣ ଗୋଷ୍ଠୀ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି।

### ଘଟଣାର ୪ଦିନ ବିତିଲା: କାଠମାଫିଆଙ୍କ ଟେର ପାଉନି ବନ ବିଭାଗ

**ଖଣ୍ଡପଡ଼ା,୫।୯(ସ୍ୱ.ପ୍ର.)**

୪ଦିନ ପୂର୍ବେ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ ବିଭାଗର ଏକ ଟିମ୍ ଚଢାଉକରି ଚୋରାରେ ଶାଗୁଆନ ଲଗ୍ ଚାଲାଣ କରୁଥିବା ଏକ ଟ୍ରକ୍ ଜବତ କରିଥିଲେ। ହେଲେ ବନ ବିଭାଗ ଟିମ୍‌କୁ ଚକ୍‌ମା ଦେଖାଇ ଟ୍ରକ୍ ଚାଳକ ଫେରାର ହୋଇଯାଇଥିଲେ। ଇତିମଧ୍ୟରେ ୪ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ କାଠମାଫିଆଙ୍କୁ ଗିରଫ କରାଯାଇପାରି ନାହିଁ। ଅନ୍ୟପକ୍ଷରେ ଜବତ ଟ୍ରକ୍ ମାଲିକ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ସମସ୍ତ ସୂଚନା ପାଇଥିଲେ ହେଁ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, କାଠ ଚାଲାଣ କରୁଥିବା ବ୍ୟକ୍ତି ଜଣକ ଏ ପର୍ଯ୍ୟନ୍ତ ଆସିନାହିଁ । କାର୍ଯ୍ୟାଳୟ ପକ୍ଷରୁ ଚାର୍ଜସିଟ ଆଉ ଦିନେ ଦୁଇଦିନ ପରେ ଦିଆଯିବ । ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ ସୂଚନା ଦେଇଛନ୍ତି।

## ବ୍ଲକ ସମ୍ମୁଖରେ ଓଡ଼ିଶା କୃଷକ ସଂଘର ଧାରଣା

**ରଣପୁର, ୫।୯ (ସ୍ୱ.ପ୍ର.)**



ବ୍ଲକ କାର୍ଯ୍ୟାଳୟ ଆଗରେ କୃଷକ ସଂଘର କର୍ମକର୍ତ୍ତା।

ଓଡିଶା କୃଷକ ଓ କ୍ଷେତ ମଜଦୁର ସଂଘ ତରଫରୁ ୮ ଦଫା ଦାବି ନେଇ ଗୁରୁବାର ରଣପୁର ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଗଣଧାରଣା ସଭା ସଭାପତି ଗଦାଧର ପ୍ରଧାନ, ସମିତି ସଭ୍ୟ ଦୁଃଶାସନ ଜେନା, ଜିଲା ସିଆଇଟିୟୁ ନେତା ସୁରେଶ ସ୍ୱାଇଁ, କ୍ଷେତମଜଦୁର ସଂଘର ରାଜ୍ୟ ନେତା ନିତ୍ୟାନନ୍ଦ ପରିଡା, କୃଷକ ସଂଘ ସଭାପତି ରଜତ ଜେନା, ସମିତି ସଭ୍ୟ ବିଜୟ ଜେନା, କୁଳମଣି ପଲେଇ, ସୁଶୀଲ ମହାନ୍ତି ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ଥିଲେ। ଖବର ପାଇ ବିଡିଓ ରଶ୍ମିରେଖା ଦାଶ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଏହା ପରେ ଧାରଣାରତ କ୍ଷେତମଜଦୁର ସଂଘ ସଭ୍ୟମାନେ ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରମୁଖ ଦାବି ମଧ୍ୟରେ କୃଷକ ଓ କୃଷି ଶ୍ରମିକଙ୍କୁ ସମସ୍ତ ପ୍ରକାର ଋଣ ବୋଝରୁ ମୁକ୍ତ କରିବା, କୃଷି ଉତ୍ପାଦନ ସମ୍ପର୍କୀୟ ବିନିଯୋଗର ଖର୍ଚ୍ଚ ହ୍ରାସ ପାଇଁ ବିହନ, ସାର, କୀଟନାଶକ ଓ କୃଷି ଯନ୍ତ୍ରପାତି ଉପରେ ରିହାତି ବୃଦ୍ଧି, ଗରିବ, ମଧ୍ୟମ ଚାଷୀ ଓ କୃଷି ଶ୍ରମିକଙ୍କୁ ମାସିକ ୫୦୦୦ ଟଙ୍କା ପେନସନ୍ ପ୍ରଦାନ, ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬କୁ କାର୍ଯ୍ୟକାରୀ କରିବା, ପ୍ରକୃତ କୃଷକଙ୍କ ନାମରେ ଜମିର ରେକର୍ଡ କରି ତୁରନ୍ତ ପଟ୍ଟା ପ୍ରଦାନ, ଫସଲବୀମା, ସ୍ୱାସ୍ଥ୍ୟ ଓ ପଶୁ ସମ୍ପଦ ବୀମା ଯୋଜନାକୁ କାର୍ଯ୍ୟକାରୀ କରିବା, ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତିପୂରଣ ପରିମାଣ ବୃଦ୍ଧି କରିବା ସହିତ ସମସ୍ତ ବକେୟା ଅର୍ଥରାଶି ତୁରନ୍ତ ପ୍ରଦାନ କରିବା ଆଦି ଅନ୍ୟତମ।

## ପରମାନନ୍ଦ ମହାବିଦ୍ୟାଳୟର ୩୯ତମ ପ୍ରତିଷ୍ଠା ଦିବସ

**ବୋଲଗଡ,୫।୯(ଡି.ଏନ.ଏ.)**

ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ୩୯ତମ ବାର୍ଷିକ ପ୍ରତିଷ୍ଠା ଦିବସ ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାଧାରଣ ସଭାରେ ଅଧ୍ୟକ୍ଷ ଅନିରୁଦ୍ଧ ପଣ୍ଡା ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର ବାସୁଦେବ ଛାଟୋଇ ଏବଂ ମୁଖ୍ୟବକ୍ତା ଭାବେ ପ୍ରଫେସର ଗୋପାଳ କୃଷ୍ଣ ଦାଶ ଯୋଗଦେଇଥିଲେ। ପ୍ରାଧ୍ୟାପକ ସୁନିଲ କୁମାର ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଧ୍ୟାପକ ବନଜ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଅନୁସୂୟା ପୃଷ୍ଟି ବେଦପାଠ କରିଥିଲେ। ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା।

### ଗ୍ରାମ ନ୍ୟାୟାଳୟ ତରଫରୁ ଚାରାରୋପଣ ଲାଗିଲା ୪୦୦ ଚାରା

**ଟାଙ୍ଗୀ(ଖୋର୍ଦ୍ଧା),୫।୯ (ଡି.ଏନ.ଏ.)**

ଟାଙ୍ଗୀ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶାଶ୍ୱତୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରବାର ଟାଙ୍ଗୀ ବନ ବିଭାଗ ସହଯୋଗରେ ନିକଟସ୍ଥ ରତ୍ନମାଳି ପାହାଡ ପାଦଦେଶରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ ବାନାଞ୍ଚଳ ଅଧିକାରୀ ଅଜୟ କୁମାର ଜଗଦେବ, ସରକାରୀ ଓକିଲ ନିରଞ୍ଜନ ଦାସ, ଟାଙ୍ଗୀ ଓକିଲସଂଘ ଉପସଭାପତି ରମେଶ ଚନ୍ଦ୍ର ଖଟାଇ, ସମ୍ପାଦକ ସ୍ୱସ୍ତିକ ରଥ ଓ କୋର୍ଟର ସମସ୍ତ କର୍ମଚାରୀଙ୍କ ସମେତ ବନ କର୍ମଚାରୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ୪୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଗଛର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବେ ବୋଲି ନିଷ୍ପତ୍ତି ନେଇଥିଲେ।

## ପରିବର୍ତ୍ତିତ ନିଯୁକ୍ତି ଓ ସାମ୍ପ୍ରତିକ ଯୁବପିଢ଼ି ଶୀର୍ଷକ ଆଲୋଚନାଚକ୍ର

**ଗଣିଆ,୫।୯(ଡି.ଏନ.ଏ.)**

ଗଣିଆ ବ୍ଲକ ଆଉକଟାସ୍ଥିତ ବନମାଳୀ ବାରିକ ଜୁନିୟର ମହାବିଦ୍ୟାଳୟ ପରିସରରେ ଗୁରୁବାର ପରିବର୍ତ୍ତିତ ନିଯୁକ୍ତି ଓ ସାମ୍ପ୍ରତିକ ଯୁବପିଢି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ରିସୋର୍ସ ପର୍ସନ ଭାବେ ଗୁଜରାଟ ଗାନ୍ଧୀନଗରସ୍ଥିତ ପଣ୍ଡିତ ଦୀନଦୟାଲ ପେଟ୍ରୋଲିୟମ ୟୁନିଭରସିଟି ପ୍ରଫେସର ଡଃ. ପ୍ରଶାନ୍ତ କୁମାର ପଣ୍ଡା, ଭୁବନେଶ୍ୱର କିଟ୍ ୟୁନିଭରସିଟି ପ୍ରଫେସର ଡ. ବ୍ରଜ ବଲ୍ଲଭ କର ପ୍ରମୁଖ ଯୋଗଦେଇଥିଲେ। ପାରମ୍ପରିକ ନିଯୁକ୍ତିକୁ ବାଦ୍ ଦେଇ ବର୍ତ୍ତମାନ ଯୁବସମାଜ ଦରକାର କରୁଥିବା ପରିବର୍ତ୍ତିତ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି, ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ପରିବହନ, ଗମନାଗମନ ଓ ଦୈନନ୍ଦିନ ସମାଜ ଉପଯୋଗୀ କ୍ଷେତ୍ରରେ ନିଯୁକ୍ତି ଉପରେ ଆଲୋଚନା କରିଥିଲେ। ନୂତନ ନିଯୁକ୍ତି ସୁଯୋଗ, ବେକାରି ଦୂରୀକରଣ ଓ ଜାତୀୟ ଆୟ ବୃଦ୍ଧି ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। ଅର୍ଥନୀତି ଅଧ୍ୟାପକ ଦେବାଶିଷ ବସ୍ତିଆ, ଶିକ୍ଷାବିତ୍ ବାମନ ଚରଣ ବାରିକି ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନା କରିଥିବା ବେଳେ ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡା ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ର।

### ଯାନବାହନ ଯାଞ୍ଚ, ଜରିମାନା ଆଦାୟ

**ଟାଙ୍ଗୀ(ଖୋର୍ଦ୍ଧା),୫।୯ (ଡି.ଏନ.ଏ.):** ଟାଙ୍ଗୀ ପୋଲିସ ତରଫରୁ ଯାନବାହନ ଯାଞ୍ଚ କଡାକଡି କରାଯାଇଛି। ବୁଧବାର ସନ୍ଧ୍ୟାରେ ପୁରୁଣା ୧୬ନଂ. ଜାତୀୟ ରାଜପଥର ବଡପାରୀ ଛକଠାରେ ପୋଲିସ ଉପସ୍ଥିତ ରହି ହେଲମେଟ, ଡ୍ରାଇଭିଂ ଲାଇସେନ୍ସ, ଗାଡିର ବୀମା କାଗଜ ଇତ୍ୟାଦି ନ ଥିବା ୧୫ ଜଣ ବାଇକ୍ ଚାଳକଙ୍କଠାରୁ ୭ ହଜାର ୫ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଥାନାଧିକାରୀ ସରୋଜ କୁମାର ଉପାଧ୍ୟୟଙ୍କଠାରୁ ପ୍ରକାଶ। ଏହା ଫଳରେ କାଗଜପତ୍ର ନଥାଇ ଗାଡିଚଳାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

## କଂସା ପିତଳ ବାସନଶିଳ୍ପର ଉନ୍ନତି ଉପରେ ଗୁରୁତ୍ୱ

### ନୂତନ ଜିଲାପାଳଙ୍କ ନୀଳମାଧବ ମନ୍ଦିର ପରିଦର୍ଶନ

**ଖଣ୍ଡପଡା,୫।୯(ସ୍ୱ.ପ୍ର.)**

ଶ୍ରୀ ନୀଳମାଧବ କ୍ଷେତ୍ର କଣ୍ଟିଲୋ ଏକଦା କଂସାପିତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ମାତ୍ର କଞ୍ଚା ମାଲର ଅଭାବ ଓ ବଜାର ଚାହିଦା ସମ୍ପ୍ରତି ଏହି ଶିଳ୍ପକୁ ପଙ୍ଗୁ କରିଦେଇଛି । ଏହି ଶିଳ୍ପର ଉନ୍ନତି ଓ ବିକାଶ ନିମନ୍ତେ ବିଶ୍ୱ ବ୍ୟାଙ୍କ ସହାୟତାର ଆବଶ୍ୟକତା ରହିଛି ଏବଂ ଏ ଦିଗରେ ଉଦ୍ୟମ କରାଯିବ ବୋଲି ଗୁରୁବାର ନୟାଗଡରେ ନୂତନ ଭାବେ ଯୋଗଦେଇଥିବା ଜିଲାପାଳ ପୋମା ଟୁଡୁ ଶ୍ରୀଜୀଉଙ୍କ ପରିଦର୍ଶନରେ ଆସି ଏହି ମତ ଦେଇଛନ୍ତି। ସେ ନୀଳମାଧବ ଜୀଉଙ୍କୁ ଦର୍ଶନ କରିବା ସହ ଅଭାବ ଅସୁବିଧା ସମ୍ପର୍କରେ ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ସାମନ୍ତରାୟ ଓ ଦେବୋତ୍ତର ମ୍ୟାନେଜର ହରିହର ଦାଶଙ୍କ ସହ ଆଲୋଚନା କରିଥିଲେ। ପରେ ସେ ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀର ପୁନରୁଦ୍ଧାର ପାଇଁ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ ଓ ସମିତି ସଭ୍ୟ ସରୋଜ କୁମାର ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାପାଳ ନାରାୟଣୀ ଲୌହତର ଧାତୁ ସମବାୟ ସମିତି, ଗୁରୁ-ଶିଷ୍ୟ ପରମ୍ପରା ଅନୁଷ୍ଠାନ, ନୀଳମାଧବ କଂସା ପିତଳ ସମବାୟ ସମିତି ଓ ଏହି ସାମଗ୍ରୀ ପ୍ରସ୍ତୁତ କରାଯାଉଥିବା ଶାଳ ପରିଦର୍ଶନ କରିଥିଲେ। ପୁରାତନ ହସ୍ତଶିଳ୍ପର ଉନ୍ନତି ସକାଶେ ବିଶ୍ୱ ବ୍ୟାଙ୍କରୁ ଅନୁଦାନ ଅଣାଯାଇ ଏକ ପ୍ରକଳ୍ପ ପ୍ରସ୍ତୁତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଚିତ୍ତ ରଞ୍ଜନ ମିଶ୍ର, ଆଇପିଓ ସୀତାରାମ ସାହୁ ଓ ସମୀର ମୁଦୁଲି କାରିଗରଙ୍କ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ।



ଗୁରୁ ଶିଷ୍ୟ ପରମ୍ପରାରେ ତାଲିମ୍ ନେଉଥିବା କାରିଗରଙ୍କ ସହ ଜିଲାପାଳ।

# ଗୁରୁଙ୍କ ବିନା ସଫଳତା ନାହିଁ

**ଗଣିଆ,୫।୯(ଡି.ଏନ.ଏ.)**



ରଣପୁରର ଏକ ସ୍କୁଲରେ ପିଲାମାନେ ଗୁରୁବନ୍ଦନା ଗାନ କରୁଛନ୍ତି।



କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ଛାତ୍ରୀଛାତ୍ର ଗୁରୁ ପୂଜନ କରୁଛନ୍ତି।

ଗଣିଆ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗୁରୁବାର ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଜୟନ୍ତୀ ତଥା ଗୁରୁଦିବସ ପାଳିତ ହୋଇଯାଇଛି। ସକାଳୁ ଛାତ୍ରୀଛାତ୍ର ବିଦ୍ୟାଳୟରେ ପହଞ୍ଚି ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଫଟୋଚିତ୍ରରେ ଧୂପ, ଦୀପ ସହ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହାସହ ଗୁରୁମା ଓ ଗୁରୁଜୀମାନଙ୍କୁ ଫୁଲଚନ୍ଦନ ଦେଇ ଗୁରୁବନ୍ଦନା ଗାନ ପୂର୍ବକ ପୂଜାର୍ଚ୍ଚନା କରିଥିଲେ । ପରେ ରାଧାକ୍ରିଷ୍ଣଙ୍କ ଜୀବନୀ ସମ୍ପର୍କରେ ଛାତ୍ରୀଛାତ୍ର ବକ୍ତବ୍ୟ ରଖିଥିଲେ। ଗୁରୁଙ୍କ ବିନା କୌଣସି କାର୍ଯ୍ୟରେ ସଫଳତା ମିଳେନାହିଁ। ଗୁରୁ ଶିକ୍ଷାର ମେରୁଦଣ୍ଡ। ଦିନକୁ ଦିନ ଗୁରୁ ଶିଷ୍ୟଙ୍କ ମଧ୍ୟରେ ସମ୍ପର୍କ ବଦଳିବାରେ ଲାଗିଛି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଗଣିଆସ୍ଥିତ କିଶୋରଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ଛାତ୍ରୀଛାତ୍ର ସ୍ୱଚ୍ଛତା ପକ୍ଷ ପାଳନର ୫ମ ଦିବସରେ ସ୍ୱଚ୍ଛତା ସମ୍ପର୍କରେ ଶପଥ ପାଠ କରିଥିଲେ।

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ଖଣ୍ଡପଡା ମହିଳା ମହାବିଦ୍ୟାଳୟ, ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ,ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ର ଶେଖର ଆଶ୍ରମ ବିଦ୍ୟାଳୟ, କଣ୍ଟିଲୋ ନୀଳମାଧବ ଶିକ୍ଷାକେନ୍ଦ୍ର, ନୀଳମାଧବ ନୋଡାଲ ବିଦ୍ୟାପୀଠ, କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭଗବାନ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଗୁରୁବାର ଗୁରୁଦିବସ ପାଳିତ ହୋଇଯାଇଛି। କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଅଧ୍ୟାପକ ବଳରାମ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ଗୁରୁ ବନ୍ଦନା ଗାନ କରାଯିବା ସହ ନୀଳମାଧବଜୀଉଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଅଧ୍ୟାପିକା ଅଧ୍ୟାପକମାନେ ଅତୀତ ଓ ବର୍ତ୍ତମାନର ଗୁରୁ-ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ସଂସ୍କୃତି, ପରମ୍ପରା ବଜାୟ ରଖି କର୍ତ୍ତବ୍ୟ ସମ୍ପାଦନ କଲେ ଗୁରୁମାନେ ଉତ୍ତମ ଶିଷ୍ୟ ସୃଷ୍ଟି କରିପାରିବେ ଏବଂ ଉଭୟଙ୍କ ମଧ୍ୟରେ ସମ୍ପର୍କ ଦୃଢ ହୋଇପାରିବ। ଏହି ଅବସରରେ ଛାତ୍ରୀ ଛାତ୍ରମାନେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନ ଜଣାଇଥିଲେ। ସିଂଘାପଡା ପଞ୍ଚାୟତ ସମ୍ବରବିନ୍ଧା ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ଆଖପାଖ ଗ୍ରାମ ପରିକ୍ରମା କରିଥିଲେ । ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାମାନେ ସ୍ୱଚ୍ଛ ପରିବେଶ, ସୁସ୍ଥ ପରିବେଶ ଓ ପଲିଥିନ ବ୍ୟବହାର ବନ୍ଦ କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ ।

**ରଣପୁର, (ସ୍ୱ.ପ୍ର.):** ରଣପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁବାର ଗୁରୁଦିବସ ପାଳନ କରାଯାଇଛି । ହାଟସାହିସ୍ଥିତ ଚାରିଅଟ ପବ୍ଲିକ ସ୍କୁଲରେ ଅଧ୍ୟକ୍ଷ ପ୍ରଭାତ କୁମାର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଗୁରୁ ପୂଜନ କରିଥିଲେ। ଅଧ୍ୟକ୍ଷ ପ୍ରଧାନ ତାଙ୍କ ବକ୍ତବ୍ୟରେ ଗୁରୁ-ଶିଷ୍ୟ ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଗୁରୁମାନେ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ପରେ ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ମଝିଆଖଣ୍ଡ ରଘୁନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ, ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟ, ଶ୍ରୀକୃଷ୍ଣପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଅର୍ଜୁନପୁର ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଏହି ଦିବସ ପାଳିତ ହୋଇଯାଇଛି।



କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଅତିଥିଙ୍କ ସହ ଅନ୍ୟମାନେ।

**ବୋଲଗଡ,(ଡି.ଏନ.ଏ.):** ବୋଲଗଡ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁବାର ଗୁରୁଦିବସ ପାଳିତ ହୋଇଯାଇଛି। ବୋଲଗଡ ବାମନ ଉଚ୍ଚ ବିଦ୍ୟାଳୟ ସମେତ ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ମାନେ ପୂର୍ବତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପାମାଲ୍ୟ ଅର୍ପଣ କରି ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠନାର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପୂଜାର୍ଚ୍ଚନା କରିଥିଲେ।